## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୪।୨୦୨୪

| | |
|---|---|
| ୨,୮୨,୮୧୦ ଟଙ୍କା | |
| ସୁନା | ୧ ଗ୍ରାମ୍ |
| ରୁପା | ୧୬.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ଧାନବସ୍ତା ପୋଡିଦେଲେ ଦୁର୍ବୃତ୍ତ



କଣାସ,୨୫।୪ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ବଡାଲ ଗ୍ରାମ ପଞ୍ଚାୟତର ବଡ଼ଓର ଗ୍ରାମରେ ଜମିରେ ଗଦା ହୋଇଥିବା ଧାନବସ୍ତାରେ ବୁଧବାର କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ୯୦ ବସ୍ତା ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ଗ୍ରାମର ରବିସାମନ୍ତରାୟ ଓ କେତେକ ବ୍ୟକ୍ତି ନିକଟସ୍ଥ ସୁଭଦ୍ରାପୁର ମୌଜାରେ ଖରାଟିଆ ଧାନଚାଷ କରିଥିଲେ। ମେଶିନ ସାହାଯ୍ୟରେ ଧାନ କାଟିବା ପରେ ସେହି ଧାନ ଜମି ହିଡ଼ ନିକଟରେ ସରୁଜାଲା ମାଧ୍ୟମରେ ଅମଳ ଧାନକୁ ଶୁଖାଇଥିଲେ। ସେହିପରି ୨ ଦିନ ତଳେ କାଦୁଆ ଗ୍ରାମପଞ୍ଚାୟତର ସାହାସପୁର ଗ୍ରାମର କେତେକ ବ୍ୟକ୍ତି ଧାନଅମଳ କରି ବିଲରେ ଜାଲ ମାଧ୍ୟମରେ ଧାନ ଶୁଖାଇଥିବାବେଳେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେବାରୁ ୩ରୁ ୪ଜଣ ଚାଷୀଙ୍କ ଅମଳ ହୋଇ ରଖାଯାଇଥିବା ଧାନ ପୋଡ଼ିଯାଇଥିଲା।

### ମେ’ ୫ରେ ସାରଙ୍ଗଯୋଡି ଦୋଳ ମେଳଣ

ସାକ୍ଷୀଗୋପାଳ,୨୫।୪(ଭରତ ରାଉତ)

ସତ୍ୟବାଦୀର ପୁରାତନ ଦୋଳ ମେଳଣ ମଧ୍ୟରେ ସାରଙ୍ଗଯୋଡି ଦୋଳ ମେଳଣ ବେଶ ପରିଚିତ। ମେ’ ୫ରେ ଏହି ମେଳନ ଜମାଣ ହୋଇ ୭ ତାରିଖରେ ଶେଷ ହେବ। ଏନେଇ ଗୁରୁବାର ସାରଙ୍ଗଯୋଡି ମେଳଣ ପଡ଼ିଆସ୍ଥିତ ଶ୍ରୀପତିତପାବନ ଠାକୁରଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲୋକକଳା ଗ୍ରାମ ସାରଙ୍ଗଯୋଡିର ୨ ଅଗ୍ରଣୀ କଳା ଅନୁଷ୍ଠାନ ମା’ କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ୭ ତାରିଖରେ ସଂକୀର୍ତ୍ତନ ଓ ଲୋକ ସଂସ୍କୃତି ମହୋତ୍ସବ ପାଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଦୋଳ ମେଳଣ କମିଟି ସଭାପତି କେଦାରନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରମେଶ ଚନ୍ଦ୍ର ପଲେଇ, ଲକ୍ଷ୍ମୀଧର ମିଶ୍ର, ମହାଦେବ ମିଶ୍ର, ଅଜୟ କୁମାର ମିଶ୍ର, ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୮ ବର୍ଷ ହେଲା ସରୁନି ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟ

- ୬ ଗ୍ରାମରେ ଲୋ ଭୋଲଟେଜ ସମସ୍ୟା
- ୫୦ ହଜାର ଉପଭୋକ୍ତା ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ

କୋଣାର୍କ,୨୫।୪(ଜ୍ୟୋତିରାଜ ମହାନ୍ତି):

କୋଣାର୍କ ନିକଟସ୍ଥ ସୁତନ ପଞ୍ଚାୟତର ୬ଟି ଗ୍ରାମକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ୨୦୧୬ରେ ଓପିଟିସିଏଲ୍ ମାଧ୍ୟମରେ ଆରମ୍ଭ ହୋଇଥିବା ସୁତନ ୩୩ ବିଦ୍ୟୁତ୍ ସବ୍‌ଷ୍ଟେଶନ ଆରମ୍ଭ ହୋଇଥିଲା। ଯାହା ବିଭାଗୀୟ ଦାୟିତ୍ୱହୀନତା ଓ ଖାମଖିଆଲ ମନୋଭାବ ଯୋଗୁ ଦୀର୍ଘ ୮ବର୍ଷ ପରେ ମଧ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ୫୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଲୋ ଭୋଲଟେଜ୍ ସମସ୍ୟା ସହ ଗ୍ରୀଷ୍ମ ପ୍ରବାହ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।



ଖବରରୁ ପ୍ରକାଶ, ଓପିଟିସିଏଲ୍ ମାଧ୍ୟମରେ ସୁତନଠାରେ ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ବିଭାଗ ପକ୍ଷରୁ ୬ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟ ୨୦୧୬ଠାରୁ ଆରମ୍ଭ ହୋଇଥିଲାବେଳେ ଅଦ୍ୟାବଧି ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣରେ ଅହେତୁକ ବିଳମ୍ୱ ଯୋଗୁ ସୁତନ, ତରକୋର, କାନପୁର, ଟିକନା, ହାଟୁଆଦଣ୍ଡା ଓ ଭିଙ୍ଗୁରାଡି ସମେତ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ୫୦ ହଜାର ଉପଭୋକ୍ତା ହଇରାଣ ହେଉଛନ୍ତି। ସୁତନ ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟ ଦୀର୍ଘ ୮ବର୍ଷ ଧରି ଚାଲିଥିବାବେଳେ କେଉଁ କାରଣ ଓ ସମସ୍ୟା ଯୋଗୁ ତାହା ସମ୍ପୂର୍ଣ୍ଣ ହୋଇପାରୁନି, ତାହା ଓପିଟିସିଏଲ ତଦାରଖ କରିବା ସହିତ ଅବହେଳା ନା କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ତାହା ତଦନ୍ତ ସାପେକ୍ଷ। ଏହି ସବ୍‌ଷ୍ଟେଶନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରି ୬ଗୋଟି ଗ୍ରାମକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ରାଜ୍ୟ ମୁଖ୍ୟଶାସନ ସଚିବ, ବିଦ୍ୟୁତ୍ ବିଭାଗ ସଚିବ, ମୁଖ୍ୟ ନିର୍ବାଚନ ଅଧିକାରୀ, ପୁରୀ ଜିଲାପାଳ ଓ ଓପିଟିସିଏଲ୍‌ର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁତନ ସମେତ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଉପଭୋକ୍ତା ଦାବି କରିଛନ୍ତି।

# ୱଣ୍ଡରୱାର୍ଲ୍ଡର ବ୍ରାଣ୍ଡ ଆମ୍ବାସାଡର ହେଲେ ଅଭିନେତ୍ରୀ ଡେଜି ଶାହ

ପୁରୀ,୨୫।୪(ଅଜିତ୍ ମହାନ୍ତି)

ଓଡ଼ିଶାର ସର୍ବବୃହତ ୱାଟର ପାର୍କ ୱଣ୍ଡର ୱାର୍ଲ୍ଡ ପାର୍କର ଗ୍ରାଣ୍ଡ ଆମ୍ବାସାଡର୍ ହୋଇଛନ୍ତି ବଲିଉଡ ଅଭିନେତ୍ରୀ ଡେଜି ଶାହ। ଗୁରୁବାର ପାର୍କ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାର୍କ ପ୍ରତିଷ୍ଠାତା ନାରାୟଣ ପାତ୍ର ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ଆଜି ୱାଟରପାର୍କ ପାଇଁ ଏକ ସ୍ମରଣୀୟ ଦିବସ। ଆମ୍ବାସାଡର୍ ଭାବେ ଡେଜି ଶାହଙ୍କୁ ପାଇ ଆମେ ଖୁବ୍ ଆନନ୍ଦିତ। ତାଙ୍କ ସହଯୋଗରେ ପାର୍କ ଆଗକୁ ବଢ଼ିବାର ଆଶା ରଖିଛୁ। ଏହି ଅବସରରେ ଡେଜି ନିଜ ବକ୍ତବ୍ୟରେ ପାର୍କ ପ୍ରତିଷ୍ଠାତା ତଥା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଥିଲେ, ପୁରୀ ଧାମରେ ଥିବା ଏହି ପାର୍କ ଆଗାମୀ ଦିନରେ କେବଳ ଦେଶ ନୁହେଁ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିବ। ପର୍ଯ୍ୟଟକଙ୍କୁ ଏଠାକୁ ଥରେ ନିଶ୍ଚୟ ବୁଲି ଆସିବାକୁ ସେ ନିମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ରଶ୍ମିତା ପୃଷ୍ଟି, ପ୍ରଶାସନିକ ଅଧିକାରୀ ଗିରିଜା ଶଙ୍କର ରଥ, ସିଇଓ ବିଭୁଦେନ୍ଦ୍ର ମହରପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ୱଣ୍ଡର ୱାର୍ଲ୍ଡ ପାର୍କର ଗ୍ରାଣ୍ଡ ଆମ୍ବାସାଡର୍ ଅଭିନେତ୍ରୀ ଡେଜି ଶାହଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି, ସାକ୍ଷୀଗୋପାଳଙ୍କୁ ଦର୍ଶନ କଲେ ‘ସୁଚରିତା’

ସାକ୍ଷୀଗୋପାଳ,୨୫।୪(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ଭରତ ରାଉତ)

ପୁରୀ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ସୁଚରିତା ମହାନ୍ତି ଟିକେଟ ପାଇବା ପରେ ଗୁରୁବାର ସତ୍ୟବାଦୀରେ ପହଞ୍ଚିଛନ୍ତି। ସେ ପ୍ରଥମେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ଯାଇ ଗୋପବନ୍ଧୁଙ୍କ ଷଠିଘରେ ପୁଣ୍ୟାତ୍ମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ଅଞ୍ଚଳରେ ବେକାର ଯୁବବର୍ଗଙ୍କୁ ରୋଜଗାରକ୍ଷମ କରିବା ସହ ମହିଳାଙ୍କୁ ସୁରକ୍ଷା ଦିଗରେ ଗୁରୁତ୍ୱ ଦେବେ। ପୁରୀ ଝିଅ ଭାବରେ ଶ୍ରୀକ୍ଷେତ୍ରର ପ୍ରତିଟି ସମସ୍ୟା ଲୋକ ସଭାରେ ଉପସ୍ଥାପନ କରି ସମାଧାନ ପାଇଁ ଦାବି କରିବେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ମୌଳିକ ସମସ୍ୟା ସହ ତାଙ୍କ ବାପା ପ୍ରାକ୍ତନ ଏମ୍‌ପି ବ୍ରଜମୋହନ ମହାନ୍ତିଙ୍କ ଭଳି ଲୋକଙ୍କ ସହ ମିଶି କାମ କରିବେ ବୋଲି ସୁଚରିତା କହିଥିଲେ। ତାଙ୍କ ସହ ସତ୍ୟବାଦୀ ବିଧାନସଭା ପ୍ରାର୍ଥୀ ମନୋଜ ରଥ, ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ସଭାପତି ସୁବାସ ଚନ୍ଦ୍ର ମହାପାତ୍ର, ବ୍ଲକ ଯୁବ କଂଗ୍ରେସ ସଭାପତି ଲିପ୍ସିକାନ୍ତ ପ୍ରଧାନ, ବିଶ୍ୱଜିତ୍ ହୋତା, ପୁରୀ ସଦର କଂଗ୍ରେସ ନେତା ଅଶୋକ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ ଅବସରରେ କଂଗ୍ରେସ ପ୍ରାର୍ଥୀ ସୁଚରିତା ମହାନ୍ତି ଓ ଅନ୍ୟମାନେ।

# ବିଶ୍ୱେଶ୍ୱରୀ, ଚାଟଖାଇଙ୍କ ଝାମୁଯାତ୍ରା



ଯୋଗେଶ୍ୱରପୁର,୨୫।୪(ରଶ୍ମିରଞ୍ଜନ ସାହୁ):

ନୟାହାଟର ବାରି ହାଟଠାରେ ଥିବା ମା’ ବିଶ୍ୱେଶ୍ୱରୀ ଠାକୁରାଣୀଙ୍କ ଝାମୁଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ଧୁମାଳ ପଞ୍ଚାୟତର ନରସିଂହପୁରଠାରେ ମା’ ଚାଟଖାଇ ଠାକୁରାଣୀଙ୍କ ପାଖରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟ ପାଟୁଆମାନେ ନିକଟ ପ୍ରାଚୀନଦୀରୁ ଘଣ୍ଟ ତୋଳା ତୁଠରୁ କଳସିରେ ପାଣି ଆଣି ଏକ ଶୋଭାଯାତ୍ରାରେ ମା’ଙ୍କ ନିକଟରେ ପହଞ୍ଚିଥିଲେ। ଏହି ଘଣ୍ଟ ପାଟୁଆମାନେ ନିଆଁରେ ଚାଲିଥିଲେ। ଏହାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ସମାବେଶ ହୋଇଥିଲା। ଠାକୁରାଣୀଙ୍କ ଝାମୁଯାତ୍ରାରେ ବିଭିନ୍ନ ଗ୍ରାମରୁ ସ୍ୱତନ୍ତ୍ର ପ୍ରୋସେଶନରେ ବିମାନରେ ଆସିଥିବା ଠାକୁର ଯାତ୍ରାରେ ପହଞ୍ଚିଥିଲେ। ବିଭିନ୍ନ ଅଞ୍ଚଳର ହଜାର ହଜାର ସଂଖ୍ୟକ ଭକ୍ତ ଠାକୁରଙ୍କ ଦର୍ଶନ କରିବା ସହ ଝାମୁଯାତ୍ରା ଦେଖିଥିଲେ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



କୋଣାର୍କ,୨୫।୪ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ବାଲିଦୋକାନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଜଟାଧାରୀ ପ୍ରଧାନ(୬୭)ଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଥିଲା, ପ୍ରବଳ ଗରମ ସହ୍ୟ କରି ନ ପାରିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ବାଙ୍ଗୁରୀ ଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ପାଖରେ ତାଙ୍କର ସ୍ତ୍ରୀ, ବଡ଼ ପୁଅ ଓ ବୋହୂ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ସାଥୀ ଶିକ୍ଷକ ଦେବେନ୍ଦ୍ର ନାଥ ଦାଶ, ମନମୋହନ ସ୍ୱାଇଁ, ଭୁବନାନନ୍ଦ ବିଶ୍ୱାଳ, ସନାତନ ନାୟକ, ଶିକ୍ଷାବିତ୍ ମଙ୍ଗୁଳି ପାଢ଼ୀ, ରସାନନ୍ଦ ବିଶ୍ୱାଳ ଓ ପୁରାତନ ଛାତ୍ର ଖବରଦାତା ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେ ଜଣେ ସରଳ, ସଚ୍ଚୋଟ, ଦାୟିତ୍ୱସମ୍ପନ୍ନ, ଭଦ୍ର ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ଲୋକପ୍ରିୟ ଥିଲେ। ମଜାଦାର ଢଙ୍ଗରେ ଗଣିତ ଓ ଜ୍ୟାମିତି ପାଠ ପଢାଇବାରେ ପିଲାମାନେ ବେଶ ଉପଭୋଗ କରୁଥିଲେ। ଶେଷ ପର୍ଯ୍ୟାୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ।

# ଭାଜପା ନେତା କୈଳାସ ରାୟଙ୍କ ବିୟୋଗ



ଚାରିଛକ,୨୫।୪(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ତମ୍ପାଳ ପଞ୍ଚାୟତ ନୂଆଗାଁ ଗ୍ରାମର ବରିଷ୍ଠ ଭାଜପା ନେତା ତଥା ଅଞ୍ଚଳର ସାମାଜିକ କର୍ମୀ କୈଳାସ ରାୟ (୬୫)ଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସଂଯୋଜକ ଥିବାବେଳେ ଆର୍‌ଏସ୍‌ଏସ୍‌ର ସକ୍ରିୟ ସଭ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ଦୁର୍ଯ୍ୟୋଧନ ମହାନ୍ତି, ଧୂଳି ସାହୁ, ଭକ୍ତବନ୍ଧୁ ବିଶ୍ୱାଳ, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡ଼ା, ଜ୍ୟୋତିରଞ୍ଜନ ପାତ୍ର, ସୁକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଅଞ୍ଚଳର ଗଣେଶ ଚନ୍ଦ୍ର ସ୍ୱାଇଁ, ଅଶୋକ ମଲ୍ଲିକ, ବିଭୀଷଣ ମଲ୍ଲିକ, ଲକ୍ଷ୍ମୀଧର ହାତୀ, ବ୍ରଜକିଶୋର ହାତୀ, ପୃଥ୍ୱୀରାଜ ସ୍ୱାଇଁ, ଚନ୍ଦନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଭାଜପାର ଏକ ଅଭାବନୀୟ କ୍ଷତି ଘଟିଛି ବୋଲି ନାରୀନେତ୍ରୀ ପରିଡ଼ା କହିଥିଲେ। କୈଳାସ ରାୟଙ୍କ ପୁଅ ତପୁନା ରାୟ ମୁଖାଗ୍ନି ଦେଇଥିଲେ। ସେହି ସମୟରେ ତାଙ୍କ ଭାଇ ସନ୍ତୋଷ ରାୟ, ସୁବାସ ରାୟ, ପୁତୁରା ପପୁ ରାୟଙ୍କ ସହିତ ସମସ୍ତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ପାନୀୟ ଜଳ ପ୍ରକଳ୍ପ ମେଶିନ ଉଦ୍‌ଘାଟିତ



ମେଶିନ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଚାରିଛକ,୨୫।୪(ଶିଶିର ସ୍ୱାଇଁ):

ଚାରିଛକ ନିକଟସ୍ଥ ବାଇଦେଈ ପୀଠ ସାଇ ମନ୍ଦିର ପରିସରରେ ବିଶୁଦ୍ଧ ପାନୀୟ ଜଳର ଏକ ନୂତନ ମେଶିନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବାଇଦେଈ ମହୋତ୍ସବରେ ସମ୍ମାନିତ ଅତିଥି ଆଇନଜୀବୀ ରଞ୍ଜିତ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମେଶିନକୁ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଛି। ସାରା ରାଜ୍ୟରେ ଖରା ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ମନ୍ଦିରକୁ ଆସୁଥିବା ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ପାଇଁ ଏହି ମେଶିନ ବସା ଯାଇଛି। ଏଥିପାଇଁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସମେତ ସାଇ ବାବାଙ୍କ ଭକ୍ତ ଟ୍ରଷ୍ଟର ସଭାପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ଉଦ୍‌ଘାଟନ ସମୟରେ ବାଇଦେଈ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି, ଉଦ୍ୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡ଼ଶପୁରର ପ୍ରଫେସର ଅରୁଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟ ଭିକ୍ଷା କଲେ ରାଜଶ୍ରୀ, ତୁଷାରକାନ୍ତି

ଅସ୍ତରଙ୍ଗ/କାକଟପୁର,୨୫।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

କାକଟପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା ଏବଂ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ଗୁରୁବାର ପ୍ରଚାର ଆରମ୍ଭ କରିଛନ୍ତି। ଉଭୟ ପ୍ରାର୍ଥୀ ଆଲୁଦଣ୍ଡାପାଟଣାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବିଶାଳ ବାଇକ୍ ଶୋଭାଯାତ୍ରାରେ ପ୍ରଚାର କରି ଲୋକଙ୍କ ସମର୍ଥନ ଲୋଡ଼ିଛନ୍ତି। ଏହି ଅବସରରେ ଦୁହେଁ ଅସ୍ତରଙ୍ଗସ୍ଥିତ ମା’ ତାରିଣୀ ଏବଂ କାକଟପୁରର ମା’ ମଙ୍ଗଳାଙ୍କୁ ଦର୍ଶନ କରିବା ସହିତ ମନ୍ଦିର ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସବୁବେଳେ କାକଟପୁରବାସୀ ଆଦରି ନେଇଛନ୍ତି, ଆଉ ବର୍ତ୍ତମାନ ବି ଗ୍ରହଣ କରିବେ ବୋଲି ପ୍ରାର୍ଥୀ ଦ୍ୱୟ ଆଶା ବ୍ୟକ୍ତ କରିଛନ୍ତି। ଶୋଭାଯାତ୍ରାବେଳେ ତୁଷାରକାନ୍ତି ଓ ରାଜଶ୍ରୀଙ୍କୁ ଲୋକେ ସ୍ୱାଗତ କରିଥିଲେ। ସ୍ୱାଭିମାନ କାକଟପୁରର ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋତେ ପଠାଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି ବୋଲି ତୁଷାରକାନ୍ତି କହିଥିଲେ। ରାଜ୍ୟ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଫୋକସରେ ରଖି କାମ କରୁଛନ୍ତି। ତେଣୁ କିଏ ବିକାଶ କରୁଛି ତାହା ଆପଣମାନେ ବିଚାର କରିବା ସହ କାହା ପ୍ରଲୋଭନରେ ନ ପଡ଼ିବାକୁ ସେ ଲୋକଙ୍କୁ କହିଛନ୍ତି। ଶୋଭାଯାତ୍ରାରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ ଓ ବନିତା ବେହେରା, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଋତୁରାଜ ରାଉତ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ଜ୍ଞାନରଞ୍ଜନ ସାହୁ, ଚମ୍ପକ ବାରିକ୍, କୁଞ୍ଜବିହାରୀ ପ୍ରଧାନ, କବିରାଜ ବିଶ୍ୱାଳ, ରୁଦ୍ରପ୍ରସାଦ ଲେଙ୍କା ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ଥିଲେ।



ତୁଷାରକାନ୍ତି ବେହେରା ଏବଂ ଡ. ରାଜଶ୍ରୀ ମଲ୍ଲିକ ନିର୍ବାଚନ ପ୍ରଚାର କରୁଛନ୍ତି।

# ୨୭ରେ ଓଡ଼ିଆ ସିନେମାର ୮୮ତମ ସ୍ୱନକ୍ଷତ୍ର ଉତ୍ସବ

**ସମ୍ମାନିତ ହେବେ ବହୁ କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ**

ପୁରୀ,୨୫।୪(ଅଜିତ୍ ମହାନ୍ତି)

ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତାବିବାହ ୧୯୩୬ ଏପ୍ରିଲ ୨୮ରେ ପୁରୀ ଲକ୍ଷ୍ମୀ ଟକିଜରେ ମୁକ୍ତିଲାଭ କରିଥିଲା। ଉକ୍ତ ଦିନକୁ ଓଡ଼ିଆ ଚଳଚ୍ଚିତ୍ରର ସ୍ୱନକ୍ଷତ୍ର ଭାବେ ବିବେଚନା କରାଯାଏ। ଚଳିତବର୍ଷ ଓଡ଼ିଆ ସିନେମା ୮୮ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୭ତାରିଖରେ ଓଡ଼ିଆ ସିନେମାର ସ୍ୱନକ୍ଷତ୍ର ଉତ୍ସବ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପାଳନ କରାଯିବ। ଏନେଇ ଗୁରୁବାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ନାତି ନଟରାଜ ଦେବ ଗୋସ୍ୱାମୀ, ବିଶିଷ୍ଟ ଚଳଚ୍ଚିତ୍ର ଓ ଟେଲିଭିଜନ ବ୍ୟକ୍ତିତ୍ୱ ଶ୍ୟାମାପ୍ରସାଦ ମିଶ୍ର, ଗୀତିକାର ବଦ୍ରି ମିଶ୍ର, ଅଭିନେତା ଲକ୍ଷ୍ମୀଧର ପୂଜାପଣ୍ଡା, ବିଶ୍ୱନାଥ ମିଶ୍ର, ଗୌରୀ ରଞ୍ଜନ ବାରିକ, ସଙ୍ଗଠକ ବିଭୁପ୍ରସାଦ ମିଶ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଆୟୋଜକମାନେ କହିଛନ୍ତି ଯେ, ଓଡ଼ିଆ ସିନେମା ପାଇଁ ଶ୍ରୀକ୍ଷେତ୍ରର ଅବଦାନ ଅନେକ। ବହୁ ପ୍ରଯୋଜକ ଏଠାରେ ଚଳଚ୍ଚିତ୍ର ନିର୍ମାଣ କରି ସୁନାମ ଅର୍ଜନ କରିଛନ୍ତି। ଏପରିକି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ପୁରୀ ହଲ୍‌ରେ ପ୍ରଦର୍ଶିତ ହୋଇଥିଲା। ଚଳିତବର୍ଷ ଏହି ଚଳଚ୍ଚିତ୍ର ୮୮ ବର୍ଷରେ ପାଦ ଦେଉଛି। ତେଣୁ ଫିଲ୍ମୱାଲା ଅନୁଷ୍ଠାନ ଏବଂ ଏଆର୍‌ସି ଇଭେଣ୍ଟ୍‌ସ୍ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ ହେବ। ନିର୍ମାଲ୍ୟ ଏବଂ ରୁପା ଆଣ୍ଡ ଗ୍ରୁପ୍ ଏହାର ସହଯୋଗୀ ଅନୁଷ୍ଠାନ ରହିବେ। ଏହି ଅବସରରେ ଓଡ଼ିଆ ସିନେମା ପ୍ରତି ଜୀବନ ବ୍ୟାପୀ ସାଧନା ପାଇଁ ଗୀତିକାର ହରିହର ମିଶ୍ର, ଗୀତିକାର ଅନ୍ତର୍ଯ୍ୟାମୀ ମିଶ୍ର, ସୀତା ବିବାହ ପ୍ରଯୋଜକଙ୍କ ନାତି ନଟରାଜ ଦେବ ଗୋସ୍ୱାମୀ, ଅଭିନେତ୍ରୀ ମହାଶ୍ୱେତା ରାୟ, ଅଭିନେତ୍ରୀ ପୁଷ୍ପା ପଣ୍ଡା, ଗୀତିକାର ଡ. ରଜନୀ ରଞ୍ଜନ, ପ୍ରଯୋଜକ ସଞ୍ଜୟ ନାୟକ, ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, କଳା ନିର୍ଦ୍ଦେଶକ ରବି ମହାରଣା, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର ଓ ପ୍ରଶାନ୍ତ ପାଢ଼ୀ, ଅଭିନେତ୍ରୀ ମନୋରମା ମହାନ୍ତି, ସିନ୍ଦୂର ବିନ୍ଦୁ, ଚିଲିକା ତୀରେ ଏବଂ ଶ୍ରୀ ଶ୍ରୀ ପତିତପାବନ ଚଳଚ୍ଚିତ୍ରର ପ୍ରଯୋଜନା ସଂସ୍ଥା, ପୁରୀ ଲକ୍ଷ୍ମୀ ଟକିଜ ସ୍ୱତ୍ୱାଧିକାରୀ, ପ୍ରଯୋଜକ ତପନ କୁମାର ଦାସ, ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ଶିଶୁ କଳାକାର ଆଦ୍ୟାଶା ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ମାନିତ କରାଯିବ। ରୁପା ଆଣ୍ଡ୍ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ଗୁରୁ ରୂପଲତାଙ୍କ ନିର୍ଦ୍ଦେଶନାରେ ପୁରୁଣା ସିନେମା ସଙ୍ଗୀତକୁ ନେଇ ନୃତ୍ୟମାଳା ପରିବେଷଣ କରାଯିବ। ଏଥିସହ ସୀତାବିବାହ ଚଳଚ୍ଚିତ୍ରର ରେକର୍ଡ ସଙ୍ଗୀତ ପୁସ୍ତିକା ଉନ୍ମୋଚନ ହେବ। ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ପରିବାର ସହିତ ପୁରୀରୁ ନିର୍ମିତ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକର ପ୍ରଯୋଜକ, ଲକ୍ଷ୍ମୀ ଟକିଜ ପରିବାର, ସିନେପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି।

# ଗଣତାନ୍ତ୍ରିକ ପ୍ରକ୍ରିୟାରେ ମତଦାତା ମୂଳ ଅଂଶୀଦାର






ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଓ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)

## ଭୋଟର ସଚେତନତା କାର୍ଯ୍ୟକ୍ରମ

### ମହିଳା ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ୩୫୦ରୁ ଅଧିକ ବୁଥ୍

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭୋଟ ଦେବା ସହ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ କହିଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇ କହିଲେ, ସାରା ବିଶ୍ୱରେ ଆମର ଗଣତନ୍ତ୍ର ସର୍ବ ବୃହତ। ଆମର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଏଥିରେ ଭୋଟ ଦାତାମାନେ ହେଉଛନ୍ତି ମୂଳ ଅଂଶୀଦାର। ବିଶେଷ କରି ନୂଆ ଏବଂ ଯୁବ ଭୋଟରମାନେ ଏହି ବିକାଶମୂଳକ ପ୍ରକ୍ରିୟାର ମଙ୍ଗ ଧରିବାକୁ କମିଶନର ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ଅନ୍ତର୍ଗତ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାୟ ୭୦୦ ବୁଥ୍ ରହିଛି। ସେଗୁଡିକ ମଧ୍ୟରୁ ପ୍ରାୟ ୩୫୦ରୁ ଅଧିକ ବୁଥ୍‌ରେ କେବଳ ମହିଳା ଅଧିକାରୀ ଓ କର୍ମଚାରୀ ବୁଥ ପରିଚାଳନା କରିବେ। ତେଣୁ ସମସ୍ତ ରାଜନୈତିକ ଦଳ ଏହିସବୁ ବୁଥ୍ ପାଇଁ ମହିଳା ପୋଲିଂ ଏଜେଣ୍ଟ ଦେବାକୁ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଅନୁରୋଧ କରିଥିଲେ। ଚଳିତବର୍ଷ ସାମିଲ ହୋଇଥିବା ନୂଆ ଭୋଟରମାନେ ନିଜେ ଭୋଟ ଦେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ କହିଲେ। ଏହା ବ୍ୟତୀତ ଜିଲା ପ୍ରଶାସନ ପକ୍ଷରୁ ଏକ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଦ୍ୱାରା ଭୁବନେଶ୍ୱରବାସୀ ସେମାନଙ୍କର ବୁଥ, କେତେ ଭୋଟର ମତଦାନ କରିଛନ୍ତି ଏବଂ ଆଉକେତେ ଲୋକ ଭୋଟ ଦେବାକୁ ରହିଛନ୍ତି ଆଦି ତଥ୍ୟ ପାଇପାରିବେ ବୋଲି ସେ କହିଥିଲେ। ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪ଶହରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ କଲେଜ ଅଧକ୍ଷା ପ୍ରଫେସର ଇତିଶ୍ରୀ ପାଢ଼ୀ, ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁମନ ଦାସ, ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଟିମ୍ ବିଏମ୍‌ସି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଧର୍ମେନ୍ଦ୍ରଙ୍କ ବାସଭବନ ଘେରିବ ଉଜ୍ଜଳା ଦିଦି ସଂଘ

ଭୁବନେଶ୍ୱର, ୨୫।୪ (ଅନୁରାଧା ମହାରଣା): କେନ୍ଦ୍ର ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଗରିବ ଲୋକଙ୍କୁ ରିହାତିରେ ଜାଳେଣି ଗ୍ୟାସ୍ ପ୍ରଦାନ ପାଇଁ ଉଜ୍ଜଳା ଯୋଜନା ଆରମ୍ଭ କରାଯାଇଥିଲା। ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଯୋଜନାର ପ୍ରଚାର ପ୍ରସାର ତଥା ଠିକ ପରିଚାଳନା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ କିମ୍ବା ଦୁଇଜଣ ଉଜ୍ଜଳା ଦିଦିଙ୍କୁ ନିଯୁକ୍ତି ଦେଇଥିଲେ। ସେମାନଙ୍କୁ ପ୍ରତି ନୂଆ କନେକ୍ସନ ପାଇଁ ୨୦୦ ଟଙ୍କା ଓ ଗ୍ୟାସ ରିଫିଲିଂ ପାଇଁ ୨୦ ଟଙ୍କା ଦେବା ସହିତ ଆଗାମୀ ଦିନରେ ଅନ୍ୟ ସ୍କିମର ପରିଚାଳନା ଦାୟିତ୍ୱ ଦେଇ ମାସିକ କିଛି ଦରମା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ଏଯାଏ ପୂରଣ ହୋଇ ନ ଥିବା ଓଡିଶା ଉଜ୍ଜଳା ଦିଦି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଦିଦିମାନେ ବୁଲି ବୁଲି ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହିତ ଲକ୍ଷ ଲକ୍ଷ କନେକ୍ସନ ମଧ୍ୟ କରାଇଥିଲେ। ହେଲେ ରାଜ୍ୟରେ ୧୦ ହଜାର ଉଜ୍ଜଳା ଦିଦିଙ୍କୁ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କାଣି କଉଡ଼ିଟିଏ ନ ଦେଇ ଠକି ଆସିଛନ୍ତି ବୋଲି କହି ଦିଦିମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଦାବି ଜଣାଇବା ପାଇଁ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ସଂଘ କର୍ମକର୍ତ୍ତା ଓ ଦିଦିମାନେ ଯାଇଥିବାବେଳେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଇନାହିଁ। ତେବେ ମେ' ୧ରେ କେନ୍ଦ୍ରମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ବାସଭାବନ ଘେରିବା ପାଇଁ ଦିଦିମାନେ ପ୍ରସ୍ତୁତ ହେଉଛନ୍ତି। ଏନେଇ ସଂଘ ସଭାପତି କାଦମ୍ବିନୀ ସ୍ୱାଇଁଙ୍କ ନେତୃତ୍ୱରେ ଗୁରୁବାର ଭୁବନେଶ୍ୱରଠାରେ ସମସ୍ତେ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ଭାବେ ବାସୁଦେବ ଭଞ୍ଜ ଓ ଉପଦେଷ୍ଟାଭାବେ ପ୍ରସନ୍ନ ବିଷୋୟୀ ଓ ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ସାଇବାବାଙ୍କ ଆଶୀର୍ବାଦ ନେଲେ ପ୍ରିୟଦର୍ଶୀ



ବାଲିଅନ୍ତା, ୨୫।୪ (ନୀଳମାଧବ ସାହୁ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାତିରେ ପ୍ରିୟଦର୍ଶୀ ହାଇଟେକ୍ ଛକସ୍ଥିତ ସାଇବାବା ମନ୍ଦିରର ବାର୍ଷିକୋତ୍ସବ ପାଳନ ଅବସରରେ ଯୋଗଦେଇଥିଲେ। ପ୍ରିୟଦର୍ଶୀ ସାଇବାବାଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ଗୋଲାପ ଫୁଲ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହ ଆୟୋଜିତ ଭଜନ ସମାରୋହ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ତାଙ୍କ ସହିତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଏକାମ୍ରରେ ବିଜେଡିର ପରିବାର ସମ୍ପର୍କ ଅଭିଯାନ, କର୍ମୀ ସମ୍ମିଳନୀ

ପୁରୁଣା ଭୁବନେଶ୍ୱର, ୨୫।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନ ମଣ୍ଡଳୀର ଗୁରୁବାର ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ, ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ମେୟର ସୁଲୋଚନା ଦାସ କଳ୍ପନା ଫାୟାର ଷ୍ଟେଶନ ଲେବର କଲୋନୀଠାରୁ ବିଜେବି ନଗର, ମାଇଁସାଖାଲ, ବିଜୟଲକ୍ଷ୍ମୀ କଲୋନୀ, ଅଦେଇଖାଲ ଆଦି ଅଞ୍ଚଳରେ ପଦଯାତ୍ରା କରି ପ୍ରତ୍ୟେକ କଲୋନୀକୁ ଯାଇ ଭୋଟ ଭିକ୍ଷା କରିଥିଲେ। ପରେ ୱାର୍ଡ ନଂ. ୫୮ର ରତ୍ନାକରବାଗର ଏବଂ କେଦାରଗୌରୀ ବିହାରର ଅନ୍ତେବାସୀଙ୍କୁ ମଧ୍ୟ ମନ୍ତ୍ରୀ ପଣ୍ଡା ଭେଟି ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଶେଷରେ ୱାର୍ଡ ନଂ. ୫୪ରେ ଏକ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ କର୍ପୋରେଟର କେ. ଶାନ୍ତି, ଶିବ ପ୍ରସାଦ ବେହେରା, ମହାମାୟା ସ୍ୱାଇଁ, ନୃପେଷ ନାୟକ, ଅଜିତ୍ ବେହେରା, ସନ୍ତୋଷ ସିଂ, ହୃଦୟ ବଲ୍ଲଭ ସାମନ୍ତରାୟ, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ପରିବାର ସମ୍ପର୍କ ଅଭିଯାନ ପଦଯାତ୍ରାରେ ଏକାମ୍ର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ।

## ପାର୍କରେ ବାବୁ ସିଂଙ୍କ ପ୍ରଚାର

ପୁରୁଣା ଭୁବନେଶ୍ୱର, ୨୫।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଭାଜପାର ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ସକାଳେ ବିଜେବି ନଗର ଅଞ୍ଚଳର ପାର୍କରେ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଲୋକଙ୍କ ସହ ମିଶିବା ସହ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ନିର୍ବାଚନରେ ଭାଜପାକୁ ଭୋଟ ଦେଇ ଜିତେଇବାକୁ ଅନୁରୋଧ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା, ଡୋର କ୍ୟାମ୍ପେନ, ପଥପ୍ରାନ୍ତ ପ୍ରଚାର ସମୟରେ ଭାଜପାକୁ ବିପୁଳ ଜନସମର୍ଥନ ଦେଖିବାକୁ ମିଳୁଛି।



ପାର୍କରେ ଏକାମ୍ର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଲୋକମାନଙ୍କୁ ଭେଟୁଛନ୍ତି।

## ଭୁବନେଶ୍ୱର ଖରାରେ ଶିଶୁ



ଫଟୋ: ବିକାଶ ନାୟକ

## ଚୋରି ମାମଲାରେ ୨ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

ଭୁବନେଶ୍ୱର, ୨୫।୪ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୩ରେ ନୟାପଲ୍ଲୀ ଥାନାର ଏକ ଚୋରି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ବିଚାର କରି ଅଭିଯୁକ୍ତ ବିଶ୍ୱଜିତ ବେହେରା ଓ ଗଜେନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ। ଅଭିଯୋଗକାରୀ ରାଜ କିଶୋର ନାୟକ ଓ ତାଙ୍କର ପରିବାର ସଦସ୍ୟ ଘରେ ନ ଥିବା ସମୟରେ ଅଭିଯୁକ୍ତ ବିଶ୍ୱଜିତ ଓ ଗଜେନ୍ଦ୍ର ତାଙ୍କ ଘରର ତାଲା ଭାଙ୍ଗି ଚୋରି କରିଥିଲେ। ପୋଲିସ କେସ ନଂ.୧୭୪/୨୦୨୩ ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

## ଜେଇଇ ମେନ୍-୨

## ଓଡିଏମ୍: ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଛନ୍ତି ୨୨ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୫।୪ (ଅନୁରାଧା ମହାରଣା)

ନ୍ୟାଶନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍(ସେସନ-୨)ର ରେଜଲ୍ଟ ବୁଧବାର ପ୍ରକାଶ ପାଇଛି। ଏଥିରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ୬୮ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ର ସତ୍ୟେନ୍ଦୁ କର ୯୯.୯୮ ପର୍ସେଣ୍ଟାଇଲ୍ ସହିତ ବିଦ୍ୟାଳୟରେ ପ୍ରଥମ ସ୍ଥାନ ପାଇ ଥିଲାବେଳେ ୧୭ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଛନ୍ତି। ସେହିପରି ୪୦ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତଠାରୁ ଅଧିକ ପର୍ସେଣ୍ଟାଇଲ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଛାତ୍ର ଦେବାଶିଷ ପଣ୍ଡା ୯୯.୯୫ ପର୍ସେଣ୍ଟାଇଲ୍ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଥିବାବେଳେ ୫ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍ ଉପରେ ରେଜଲ୍ଟ କରିଛନ୍ତି। ସେହିପରି ୬ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଅଧିକ ପର୍ସେଣ୍ଟାଇଲ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ତଥା ସ୍କୁଲ ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଓଓ ସ୍ୱୟନ୍ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷୟିତ୍ରୀଶିକ୍ଷକ ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉପସ୍ଥିତ ଅଭିଭାବକ ଓ ଅଧ୍ୟାପକଙ୍କୁ ଡ. ମୀନକେତନ ପ୍ରଶଂସା କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଜଣେ ଜଣେ ଉତ୍ତମ ନାଗରିକ ହେବାକୁ ଆହ୍ୱାନ ଦେବା ସହ ଆଗାମୀ ଜେଇ-ଆଡ୍‌ଭାନ୍ସଡ୍ ପାଇଁ ସଫଳତା କାମନା କରିଥିଲେ।



ଦେବାଶିଷ ପଣ୍ଡା (୯୯.୯୫ ପର୍ସେଣ୍ଟାଇଲ୍)



ସତ୍ୟେନ୍ଦୁ କର (୯୯.୯୮ ପର୍ସେଣ୍ଟାଇଲ୍)

## ଏଇଏସ୍‌ଏଲ୍ ଛାତ୍ରୀଛାତ୍ରଙ୍କ ବାଜିମାତ୍

### ଆକାଶ ଭୁବନେଶ୍ୱର ସେଣ୍ଟରର କେଶବ ରଞ୍ଜନ ଶ୍ରେଷ୍ଠ ସ୍କୋରର

ଭୁବନେଶ୍ୱର, ୨୫।୪ (ଅଭୟ ଦାସ)

ଜେଇଇ ମେନ୍ ୨୦୨୪ ଦ୍ୱିତୀୟ ସେସନ ଫଳାଫଳରେ ଦେଶର ପ୍ରମୁଖ ଘରୋଇ କୋଚିଂ ସେଣ୍ଟର ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ଛାତ୍ରୀଛାତ୍ରମାନେ ବାଜି ମାରିନେଇଛନ୍ତି। ଆକାଶ ଭୁବନେଶ୍ୱର ସେଣ୍ଟରର ଛାତ୍ର କେଶବ ରଞ୍ଜନ ସର୍ବଭାରତୀୟ ର୍‍ୟାଙ୍କ୍(ଏଆଇଆର୍)ରେ ୫୭୬ ନମ୍ବର (୯୯.୯୭ ପର୍ସେଣ୍ଟାଇଲ) ସହ ଟପ୍ ସ୍କୋରର ହୋଇଛନ୍ତି। ଆକାଶ ଭୁବନେଶ୍ୱର ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଇଏସ୍‌ଏଲ୍‌ର ଆର୍‌ଡି (ଇଷ୍ଟ) ଅଜୟ ବାହାଦୁର ସିଂ, ଡିଡି (ଇଷ୍ଟ) ସୂର୍ଯ୍ୟଭାନୁ ସିଂ, ଏଡି କ୍ରିଷ୍ଣା ଏମ୍. ମେଡେସେଚ୍ଚି, ସିଓଇ ହେଡ୍ ପ୍ରବୀଣ କୁମାର ଏବଂ ଏଏଚ୍ଇ ଅମିୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜେଇଇ ମେନ୍‌ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି ଏହି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଆକାଶର ଓଡ଼ିଶା ସେଣ୍ଟର ଅତ୍ୟନ୍ତ ଭଲ ଫଳାଫଳ କରିଛି। ଏଇଏସ୍‌ଏଲ୍‌ର ଛାତ୍ର ସ୍ୱୟମ ପ୍ରକାଶ ପାଣି ୯୯.୯୭ ପର୍ସେଣ୍ଟାଇଲ ସହ ଏଆଇଆର୍ ୫୯୬ ନମ୍ବର ହାସଲ କରିଥିବାବେଳେ ୯୯ ପର୍ସେଣ୍ଟାଇଲ ଅଥବା ତଦୂର୍ଦ୍ଧ୍ୱ ସ୍କୋର ମଧ୍ୟରେ କୌସ୍ତୁଭ ସାହୁ ୯୯.୯୬ ପର୍ସେଣ୍ଟାଇଲ ସହ ଏଆଇଆର୍ ୬୩୧ ନମ୍ବର ଏବଂ ଦେବାଶିଷ ପଣ୍ଡା ୯୯.୯୫ ପର୍ସେଣ୍ଟାଇଲ ସହିତ ଏଆଇଆର୍ ୮୫୬ ନମ୍ବର ହାସଲ କରିଛନ୍ତି। ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂ କହିଛନ୍ତି, ଜେଇଇରେ କ୍ରମାଗତ ଭାବେ ଆକାଶ ଛାତ୍ରୀଛାତ୍ରଙ୍କ ଅନନ୍ୟ ପ୍ରଦର୍ଶନ ଜାରି ରହିଛି। ଏପରିକି ଆକାଶର କ୍ଲାସ୍‌ରୁମ୍ ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍କୋରଧାରୀଙ୍କ ଦ୍ୱାରା ଏହା ବହୁ ଗୁଣିତ ହୋଇଛି, ଯେଉଁଥିରେ ଆକାଶର ୮ ଛାତ୍ରୀଛାତ୍ର ଏଆଇଆର୍-୧୦୦ ମଧ୍ୟରେ ଏବଂ ୫୦ ଛାତ୍ରୀଛାତ୍ରୀ ଏଆଇଆର୍-୫୦୦ରେ ସ୍ଥାନ ପାଇଛନ୍ତି। ଜେଇଇ ମେନ୍ ଦ୍ୱିତୀୟ ସେସନରେ ସଫଳତା ଲାଭ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଭବିଷ୍ୟତ ପାଇଁ ସଫଳତା କାମନା କରିଛନ୍ତି।




ସମ୍ବର୍ଦ୍ଧନା ଅବସରରେ ଏଇଏସ୍‌ଏଲ୍‌ର କର୍ମକର୍ତ୍ତାଙ୍କ ସହ ୯୯.୯୭ ପର୍ସେଣ୍ଟାଇଲ ରଖିଥିବା କେଶବ ରଞ୍ଜନ ଓ କୃତକାର୍ଯ୍ୟ ହୋଇଥିବା ଛାତ୍ରମାନେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

କଟକ ସଦର,୨୫।୪(ସୁଶାନ୍ତ କୁମାର ଜେନା)

କଟକ- ପାରାଦୀପ ରାସ୍ତାର ତତଲା ପଦା ନିକଟରେ ଗୁରୁବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିଶନ ନଗର ଥାନା ଅଧୀନ ପାଇକାଣ ଗ୍ରାମର ନୃସିଂହ ଭୋଇ (୬୨)। ନୃସିଂହ ରାସ୍ତାରେ ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଚୋରି ମାମଲାରେ ୨ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

ଭୁବନେଶ୍ୱର,୨୫।୪(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୩ରେ ନୟାପଲ୍ଲୀ ଥାନାର ଏକ ଚୋରି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ବିଚାର କରି ଅଭିଯୁକ୍ତ ବିଶ୍ୱଜିତ ବେହେରା ଓ ଗଜେନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ। ଘଟଣାର ବିବରଣୀ ଅନୁସାରେ, ଅଭିଯୋଗକାରୀ ରାଜ କିଶୋର ନାୟକ ଓ ତାଙ୍କର ପରିବାର ସଦସ୍ୟ ଘରେ ନ ଥିବା ସମୟରେ ଅଭିଯୁକ୍ତ ବିଶ୍ୱଜିତ ଓ ଗଜେନ୍ଦ୍ର ତାଙ୍କ ଘରର ତାଲା ଭାଙ୍ଗି କିଛି ଘରୋଇ ଉପକରଣ ଚୋରି କରି ନେଇଥିଲେ । ଏନେଇ ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ କେସ ନଂ.୧୭୪/୨୦୨୩ ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

# ଗଣତାନ୍ତ୍ରିକ ପ୍ରକ୍ରିୟାରେ ମତଦାତା ମୂଳ ଅଂଶୀଦାର

## ଭୋଟର ସଚେତନତା କାର୍ଯ୍ୟକ୍ରମ

### ମହିଳା ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ପରିଚାଳନା ହେବ ୩୫୦ରୁ ଅଧିକ ବୁଥ୍

ଭୁବନେଶ୍ୱର,୨୫।୪ (ବନ୍ଦନା ସେଠୀ)




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭୋଟ ଦେବା ସହ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ କହିଥିଲେ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇ କହିଲେ, ସାରା ବିଶ୍ୱରେ ଆମର ଗଣତନ୍ତ୍ର ସର୍ବ ବୃହତ। ଆମର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଏଥିରେ ଭୋଟ ଦାତାମାନେ ହେଉଛନ୍ତି ମୂଳ ଅଂଶୀଦାର। ବିଶେଷ କରି ନୂଆ ଏବଂ ଯୁବ ଭୋଟରମାନେ ଏହି ବିକାଶମୂଳକ ପ୍ରକ୍ରିୟାର ମଙ୍ଗ ଧରିବାକୁ କମିଶନର ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ଅନ୍ତର୍ଗତ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାୟ ୭୦୦ ବୁଥ୍ ରହିଛି। ସେଗୁଡିକ ମଧ୍ୟରୁ ପ୍ରାୟ ୩୫୦ରୁ ଅଧିକ ବୁଥ୍‌ରେ କେବଳ ମହିଳା ଅଧିକାରୀ ଓ କର୍ମଚାରୀ ବୁଥ ପରିଚାଳନା କରିବେ। ତେଣୁ ସମସ୍ତ ରାଜନୈତିକ ଦଳ ଏହିସବୁ ବୁଥ୍ ପାଇଁ ମହିଳା ପୋଲିଂ ଏଜେଣ୍ଟ ଦେବାକୁ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଅନୁରୋଧ କରିଥିଲେ। ଚଳିତବର୍ଷ ସାମିଲ ହୋଇଥିବା ନୂଆ ଭୋଟରମାନେ ନିଜେ ଭୋଟ ଦେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ କହିଲେ। ଏହା ବ୍ୟତୀତ ଜିଲା ପ୍ରଶାସନ ପକ୍ଷରୁ ଏକ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଦ୍ୱାରା ଭୁବନେଶ୍ୱରବାସୀ ସେମାନଙ୍କର ବୁଥ, କେତେ ଭୋଟର ମତଦାନ କରିଛନ୍ତି ଏବଂ ଆଉକେତେ ଲୋକ ଭୋଟ ଦେବାକୁ ରହିଛନ୍ତି ଆଦି ତଥ୍ୟ ପାଇପାରିବେ ବୋଲି ସେ କହିଥିଲେ। ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪ଶହରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ କଲେଜ ଅଧ୍ୟକ୍ଷା ପ୍ରଫେସର ଇତିଶ୍ରୀ ପାଢ଼ୀ, ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁମନ ଦାସ, ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଟିମ୍ ବିଏମ୍‌ସି ପ୍ରମୁଖ ଉପସ୍ଥିତ ଥିଲେ।

# ଖଣିରେ ଚଢ଼ାଉ ବେଳେ ପୋଲିସ ଉପରେ ଗାଡ଼ି ଚଢ଼ାଇଦେବାକୁ ଉଦ୍ୟମ

### ଜେସିବି, ପାୱାର ଟିଲର ଜବତ: ଜଣେ ଗିରଫ

ନିରାକାରପୁର,୨୫।୪(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ପଞ୍ଚାୟତ ଅନ୍ତର୍ଗତ ବୋଡ଼ଙ୍ଗରାଠାରେ ଥିବା ମାଙ୍କଡ଼ା ପଥର ଖଣିରେ ଗୁରୁବାର ଚଢ଼ାଉ ବେଳେ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଉକ୍ତ ଥାନାର ଏସ୍‌ଆଇ ଦୀପଲିଶା ନାୟକ। ମାଫିଆମାନେ ତାଙ୍କ ଉପରକୁ ଗାଡ଼ି ଚଢ଼ାଇଦେବାକୁ ଉଦ୍ୟମ କରିଥିଲେ। ତେବେ ଏଥିରେ ତାଙ୍କର ଗୋଡ଼ ଆଙ୍ଗୁଠିରେ ଆଘାତ ଲାଗିଛି। ଘଟଣାସ୍ଥଳରୁ ଗୋଟିଏ ଜେସିବି ଓ ପାୱାର ଟିଲର ଜବତ ହୋଇଛି। ଘଟଣାସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ପାୱାର ଟିଲର ଚାଳକ ବୋଡ଼ଙ୍ଗରା ଗ୍ରାମର ଭୀମସେନ ମାଝୀ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜେସିବି ଚାଳକ ଓ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ଆଇ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଏଏସ୍‌ଆଇ ତପନ ନାୟକଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ବିଜେଡି ପ୍ରାର୍ଥିପତ୍ର ଦାଖଲ ପାଇଁ ପ୍ରସ୍ତୁତି

ଟିଗିରିଆ,୨୫।୪(ଜାଫର ଖାଁ)

ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥିପତ୍ର ଦାଖଲ ପାଇଁ ବିଜେଡି ତରଫରୁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଟିଗିରିଆ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧୀର ସଭାପତିତ୍ୱ କରିଥିଲେ। ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ୨୯ରେ ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା, ଛାତ୍ର, ଯୁବ କର୍ମୀ ଯୋଗଦେବାକୁ ଆଦିତ୍ୟ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରସ୍ତୁତି ବୈଠକରେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଦଲେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦଙ୍କ ସମେତ ଟିଗିରିଆ ବ୍ଲକର ୧୪ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



**ଅସହ୍ୟ ତାତିରୁ ତ୍ରାହି:** କଟକ ତୁଳସୀପୁର ଡିୟର ପାର୍କ ନିକଟସ୍ଥ ମହାନଦୀ ଘାଟରେ ଯୁବକମାନେ ଗାଧୋଇ ମଜା ନେଉଛନ୍ତି। ଫଟୋ- (ରାଜକିଶୋର ମହାନ୍ତି)

## କଟକ ସଦର ଗୁଳିମାଡ଼ ଘଟଣା

# ତପୁଙ୍କ ସମେତ ୩ ଜଣଙ୍କୁ ୭ବର୍ଷ ଲେଖାଏ ଜେଲ

କଟକ,୨୫।୪ (କାର୍ତ୍ତିକ ସାହୁ)

କଟକ ସଦର ଥାନା ଅଞ୍ଚଳରେ ୨୦୧୮ ମସିହା ମାର୍ଚ୍ଚ ୨ ତାରିଖରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘଟିତ ଗୁଳିମାଡ଼ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକ ଏସିଜେଏମ୍ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ସୁନିତା ପଟ୍ଟନାୟକ ଏହି ମାମଲାର ବିଚାର କରି କନ୍ଦରପୁର ଥାନା ଅଧୀନ ନିମେଇଶାପୁରର ଦୁର୍ଦ୍ଦାନ୍ତ ତପୁ ଓରଫ ପ୍ରଶାନ୍ତ କୁମାର ଦାସଙ୍କ ସମେତ ୩ ଅଭିଯୁକ୍ତଙ୍କୁ ୭ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ। ଜରିମାନା ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟ ଅଭିଯୁକ୍ତ ଦ୍ୱୟ ହେଲେ ବ୍ରହ୍ମପୁର ବଡ଼ବଜାରର ସୁଧାକର ପାତ୍ର ଏବଂ କଟକ ସଦର ଥାନା ଅନ୍ତର୍ଗତ ଧାନଘରପଡ଼ାର ସ୍ମୃତିରଞ୍ଜନ ପ୍ରଧାନ ଓରଫ ପାପୁନ୍। ମାମଲାର ବିବରଣୀ ତଥା ଏତଲାକାରୀ ଭଗବାନ ରାଉତଙ୍କ ଅଭିଯୋଗ ଅନୁଯାୟୀ, ୨୦୧୮ ମାର୍ଚ୍ଚ ୨ ତାରିଖ ଅପରାହ୍ନ ୩ଟା ୪୫ରେ ତାଙ୍କ ପୁଅ କାଳନ୍ଦୀ ରାଉତ, ନାତି ସମୀର ରାଉତ ଓ ସୁଶାନ୍ତ ରାଉତ ନଦୀରେ ଗାଧୋଇ ସାରି ଘରକୁ ଫେରୁଥିଲେ। ସେହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ଦୁଇଟି ବାଇକ୍‌ରେ ଆସି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗିଯାଇ ଅଭିଯୁକ୍ତମାନେ ଗୁଳି ଚଳାଇଥିଲେ। କାଳନ୍ଦୀଙ୍କ ବେକ ଓ ଛାତିରେ ଗୁଳି ବାଜିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସେହିପରି ତପୁ ଏତଲକାରୀଙ୍କ ନାତି ସମୀରଙ୍କ ଉପରକୁ ଗୁଳି ଚଳାଇବାରୁ ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଅନ୍ୟପକ୍ଷରେ ଅନ୍ୟ ଦୁଇ ଅଭିଯୁକ୍ତ ପଛରୁ ସୁଶାନ୍ତ ଓ ସମୀରଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏତଲା ଆଧାରରେ କଟକ ସଦର ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ୍ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କଟକର ଏସିଜେଏମ୍ ତଥା ଆସିଷ୍ଟାଣ୍ଟ ସେସନ୍ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। ଶୁଣାଣିବେଳେ ୧୬ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

# ୫୯ ନଂ. ୱାର୍ଡ ଭାଜପାର ବନ୍ଧୁମିଳନ



ଭାଜପା ବିଧାନସଭା ପ୍ରାର୍ଥୀ ପ୍ରକାଶ ସେଠୀଙ୍କ ସହିତ ଅନ୍ୟମାନେ।

ଫୁଲନଖରା,୨୫।୪(ସତ୍ୟରଞ୍ଜନ ଦାସମହାପାତ୍ର)

ସିଏମ୍‌ସି ୫୯ ନଂ. ୱାର୍ଡ ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ ନିକଟସ୍ଥ ଏକ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ଭାଜପା ବିଧାନସଭା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନର ରଣନୀତି ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା କଟକନଗର ଉପସଭାପତି ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି, କର୍ପୋରେଟର ମମତା ମହାନ୍ତି, ସାମାଜିକ କର୍ମୀ ବଦ୍ରିନାରାୟଣ ପଟ୍ଟନାୟକ, ଅଭିଷେକ ଦାସ, ଆଲୋକ ବେହେରା, ମନୋଜ ପଟ୍ଟନାୟକ, କିଶୋର ପଟ୍ଟନାୟକ, କ୍ଷୀରୋଦ ଦଳେଇ, ସୁରେନ୍ଦ୍ର ନାଥ ନାୟକ, ମୁକ୍ତିକାନ୍ତ ମହାପାତ୍ର, ଶିବ ପ୍ରସାଦ ବେହେରା, ମନୋରଞ୍ଜନ ମହାନ୍ତି, ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଦଳରେ ମନାନ୍ତର, ମତାନ୍ତର ଦୂର ହୋଇଛି: ପ୍ରକାଶ



ବାରବାଟୀ-କଟକ ବିଜେଡିର ସମନ୍ୱୟ ବୈଠକରେ ମଞ୍ଚାସୀନ ଅତିଥି।

### ବାରବାଟୀ-କଟକ ବିଜେଡିର ସମନ୍ୱୟ ବୈଠକ

କଟକ,୨୫।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡିର ସମନ୍ୱୟ ବୈଠକ ଗୁରୁବାର ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଗେଷ୍ଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମେୟର ସୁବାସ ସିଂ, ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନସଭା ପ୍ରାର୍ଥୀ ପ୍ରକାଶ ବେହେରା, ଜିଲା ସଂଯୋଜକ ଶୋଭନ ମହାନ୍ତି ଯୋଗଦେଇଥିଲେ। ଗତ କିଛି ଦିନ ହେବ ଟିକେଟକୁ ନେଇ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଜେଡିରେ କନ୍ଦଳ ସାମ୍ନାକୁ ଆସିଛି। ଏପରିକି ଗୋଟିଏ ସମୟରେ ଦୁଇଜଣ ନେତୃବୃନ୍ଦ ପୃଥକ୍‌ଭାବେ କାର୍ଯ୍ୟକ୍ରମ କରି ଚର୍ଚ୍ଚାକୁ ଆସିଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ମଧ୍ୟ କେତେଜଣ ଅସନ୍ତୁଷ୍ଟ କର୍ପୋରେଟରଙ୍କୁ ନେଇ ବୈଠକ କରିଥିଲେ। ଦଳରେ ଏପରି ବିବାଦ ଉପୁଜିବାରୁ କିଛି ଦିନ ପୂର୍ବରୁ ଆଶୀର୍ବାଦଙ୍କ ନେତୃତ୍ୱରେ କେତେଜଣ କର୍ପୋରେଟର ନବୀନ ନିବାସ ଯାଇ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟିଥିଲେ। ସମ୍ପୃକ୍ତ କର୍ପୋରେଟରମାନେ ଜିଲା ସଭାପତିଙ୍କ ବିରୋଧରେ ଫେରାଦ ହୋଇଥିବା ଶୁଣିବାକୁ ମିଳିଥିଲା। ତେବେ ବୈଠକ ପରେ ଏହି କଥାକୁ ଜିଲା ସଭାପତି ସାମନ୍ତରାୟ ଓ କର୍ପୋରେଟର ବିକାଶ ବେହେରା ଖଣ୍ଡନ କରିଛନ୍ତି। ଏ ସଂକ୍ରାନ୍ତରେ ଗୁରୁବାର ଅନୁଷ୍ଠିତ ସମନ୍ୱୟ ବୈଠକରେ ବାରବାଟୀ-କଟକର ୩୨ ଜଣ କର୍ପୋରେଟର ଏବଂ ୱାର୍ଡ ସଭାପତି ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନିର୍ବାଚନକୁ ମାତ୍ର ଅଳ୍ପ ଦିନ ବାକି ଥିବାବେଳେ ଏଭଳି ସମନ୍ୱୟ ବୈଠକ କରାଯିବା ଯେପରି ଦଳରେ ଫାଟ ଥିବା ଜଣାପଡୁଛି ବୋଲି ଜନସାଧାରଣରେ ଆଲୋଚନା ଆରମ୍ଭ ହେଲାଣି। ଏନେଇ ପ୍ରକାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳରେ ସମସ୍ତେ ଏକଜୁଟ ହୋଇ ଅଛୁ। ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କ ମଧ୍ୟରେ କୌଣସି ସମସ୍ୟା ନାହିଁ। ଗୋଟିଏ ପରିବାରର କଥା ରହିଛି। ସ୍ୱାଭାବିକ କଥା ଯେ, ପରିବାରରେ ମନାନ୍ତର ଓ ମତାନ୍ତର ରହିଥାଏ, ହେଲେ ଯେତେବେଳେ ପରିବାର ମୁଖ୍ୟ ବୁଝାନ୍ତି ସେତେବେଳେ ସବୁକିଛି ଠିକ୍ ହୋଇଯାଏ। ପ୍ରଥମେ ପ୍ରାର୍ଥିତ୍ୱକୁ ନେଇ ଦ୍ୱନ୍ଦ୍ୱ ରହିଥିଲା, ତାହା ଏବେ ସ୍ପଷ୍ଟ ହୋଇସାରିଛି।

# ମୋବାଇଲ ଭ୍ୟାନ୍‌ରେ ଘରୋଇ ଖାଦ୍ୟ

### ଖାଦ୍ୟ ବିକ୍ରି କରି ସ୍ୱାବଲମ୍ବୀ ହୋଇଛନ୍ତି ଏସ୍‌ଏଚ୍‌ଜି ମହିଳା

କଟକ, ୨୫।୪(ଦିବାକର ସାହୁ)



ପୁରୁଷଙ୍କ ସହ ତାଳଦେଇ ଏବେ ମହିଳାମାନେ ପ୍ରତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। ଶିକ୍ଷା କ୍ଷେତ୍ର ହେଉ ଅବା ବ୍ୟବସାୟିକ ସଫଳତା, ସବୁଥିରେ ମହିଳାମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଶେଷକରି ମିଶନ ଶକ୍ତିର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଜରିଆରେ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ମଧ୍ୟ ସକ୍ଷମ ହୋଇପାରିଛନ୍ତି। ବ୍ୟବସାୟ, ଚାଷ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର କାର୍ଯ୍ୟ ହାତକୁ ନେଇ ଏହି ଏସ୍‌ଏଚ୍‌ଜି ମହିଳାମାନେ ଲାଭବାନ ହୋଇପାରୁଛନ୍ତି। ଏଭଳି ଏକ ମହିଳା ଗୋଷ୍ଠୀ ସୁସ୍ୱାଦୁ ଖାଦ୍ୟ ବିକ୍ରି କରି ଲୋକଙ୍କଠାରୁ ପ୍ରଶଂସା ସାଉଁଟୁଛି। ବାଦାମବାଡ଼ିସ୍ଥିତ ମା' ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ ନେତାଜୀ ବସ୍ ଟର୍ମିନାଲ ପରିସରରେ ଲୋକଙ୍କୁ ଉଚିତ ଦାମରେ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ୨୦୧୨ ମସିହାରୁ ଗଠନ ହୋଇଥିବା ଏହି ଏସ୍‌ଏଚ୍‌ଜି ଗ୍ରୁପ୍ ୬ମାସ ହେବ ବସ୍ ଟର୍ମିନାଲରେ ଖାଦ୍ୟ ବିକ୍ରି କରୁଛନ୍ତି। ଏହି ଗ୍ରୁପରେ ୧୦ ଜଣ ସଦସ୍ୟ କାମ କରୁଥିବାବେଳେ ଖାଦ୍ୟ ପରସିବା ପାଇଁ ଦୁଇଜଣ ନିଯୁକ୍ତ ମଧ୍ୟ ହୋଇଛନ୍ତି। ସକାଳ ବେଳା ଇଡ୍‌ଲି, ପୁରୀ, ଉପମା, ତରକାରି ରହୁଥିବା ବେଳେ ଦିନବେଳା ସାଦା ମିଲ୍‌ରେ ଭାତ, ଡାଲି, ପାମ୍ପଡ଼, ଖଟା ସହ ଏକପ୍ରକାର ତରକାରୀ ଦିଆଯାଉଛି। ଏହାଛଡ଼ା ଆମିଷରେ ଅଣ୍ଡା ଏବଂ ମାଛ ରହୁଛି। ସେହିପରି ସନ୍ଧ୍ୟାବେଳେ ଚା' ଏବଂ ପକୁଡ଼ି କରାଯାଉଥିବାବେଳେ ରାତ୍ରିରେ ରୁଟି, ତରକାରି ପ୍ରସ୍ତୁତ କରି ଏହାର ସଦସ୍ୟମାନେ ବିକ୍ରି କରୁଛନ୍ତି। ପରିବା ଦରବୃଦ୍ଧି ସମୟରେ ମଧ୍ୟ ଖାଦ୍ୟର ଦାମ୍ ସମାନ ରହୁଛି। ଟର୍ମିନାଲ ଭିତରେ ଏକ ମୋବାଇଲ ଭ୍ୟାନରେ ଏହି ଗ୍ରୁପ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେମାନଙ୍କୁ ମାସିକ ୧୫ ହଜାର ଟଙ୍କା ଭଡ଼ା ଦେବାକୁ ପଡୁଛି। ଦିନବେଳେ ୧୫୦ରୁ ୨୦୦ ମିଲ୍ ବିକ୍ରି ହେଉଛି। ସମସ୍ତ ଖର୍ଚ୍ଚ ପରେ ମଧ୍ୟ ଦୈନିକ ୪ରୁ ୫ହଜାର ପର୍ଯ୍ୟନ୍ତ ଲାଭ ହେଉଛି। କଟକ ମହାନଗର ନିଗମ ଏଥିପାଇଁ ସେମାନଙ୍କୁ ସାହାଯ୍ୟ କରିଥିବା ସେମାନେ କହିଛନ୍ତି ।



"ଖାଦ୍ୟଷ୍ଟଲ ଖୋଲିବା ପାଇଁ ସିଏମ୍‌ସି ତରଫରୁ ଆମକୁ ପ୍ରଥମେ ପ୍ରସ୍ତାବ ଆସିଥିଲା। ଗ୍ରୁପ୍ ସଦସ୍ୟ ମିଶି ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଲୁ। ସେବେଠାରୁ ଆମେ ଆଉ ପଛକୁ ହଟିନୁ। ପ୍ରତିଦିନ ଆମେ ସମସ୍ତେ ମିଶି ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରିବାକୁ ନେଉ। ଯାତ୍ରୀମାନେ ଆମ ହାତରନ୍ଧା ଖାଇ ବେଶ୍ ପ୍ରଶଂସା କରନ୍ତି। ସେଥିପାଇଁ ବହୁତ ଖୁସି ଲାଗେ ।

**କିରଣବାଳା ମହାନ୍ତି, ଗ୍ରୁପ୍ ସଭାପତି**



"ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଜରିଆରେ ଆମେ ଏହି କାର୍ଯ୍ୟ ହାତକୁ ନେଇଛୁ। ପ୍ରତିଦିନ ଠିକ୍ ସମୟରେ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କ ପାଖରେ ପହଞ୍ଚାଉଛୁ। ଉଚିତ ଦାମରେ ଲୋକମାନେ ଘରୋଇ ଖାଇବା ପାଇ ପାରୁଛନ୍ତି। ସେଥିପାଇଁ ସେମାନେ ଆହାର କେନ୍ଦ୍ର ପାଖରେ ଥିବା ସତ୍ତ୍ୱେ ଏଠି ଖାଇବାକୁ ପସନ୍ଦ କରୁଛନ୍ତି ।

**ସୁପ୍ରୀତି ମହାନ୍ତି, ଗ୍ରୁପ୍ ସେକ୍ରେଟାରି**



"ଖାଦ୍ୟ ପ୍ରସ୍ତୁତି ସାରିବା ପରେ ମୁଁ ଏଠାରେ ରହି ବିକ୍ରି କଥା ବୁଝୁଛି। ଆଗରୁ ଘରେ ରହୁଥିଲୁ। ସେମିତି ରୋଜଗାର ନ ଥିଲା। ଗ୍ରୁପ ଜରିଆରେ ଆମେ ଏହି କାମ କରି ରୋଜଗାର କରିବା ସହ ଘର ଚଳାଇ ପାରୁଛୁ। ପିଲାମାନଙ୍କ ଖର୍ଚ୍ଚ ଉଠାଇ ପାରୁଛୁ। ଏହାଛଡ଼ା ଲୋକମାନେ ଆମ ଖାଦ୍ୟ ଖାଇବାକୁ ବେଶ ଆଗ୍ରହ କରୁଛନ୍ତି। ଭଲ ବିକ୍ରି ମଧ୍ୟ ହେଉଛି।

**ମୀନାକ୍ଷୀ ପାଣିଗ୍ରାହୀ, ଗ୍ରୁପ ସଦସ୍ୟା**



"ଟର୍ମିନାଲରେ ଶହଶହ ବସ୍ ଲାଗୁଥିବାରୁ କର୍ମଚାରୀମାନେ ଏହି ଖାଦ୍ୟଷ୍ଟଲରୁ କିଣି ଖାଉଛନ୍ତି। ଘରୋଇ ଖାଦ୍ୟ ହୋଇଥିବାରୁ ସମସ୍ତେ ଭଲ ପାଉଛନ୍ତି। ଏହାଛଡ଼ା ଯାତ୍ରୀମାନେ ମଧ୍ୟ ସକାଳେ ଓ ସଞ୍ଜରେ ଭଲ ଟିଫିନ୍ ପାଇପାରୁଛନ୍ତି। ଖାଦ୍ୟର ମାନ ଭଲ ରହୁଛି।

**ପ୍ରଭାକର ସାହୁ, ବସ୍ ଚାଳକ**

# ପାଣି ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ



ପାଣି ଯୋଗାଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗୋଡ଼ା ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ବେଗୁନିଆ ବ୍ଲକ**

- ଗରା, ବାଲ୍ଟି ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ
- ପାଣି ପାଇଁ ଗୋଡ଼ାର ଶହେ ପରିବାର ହଇରାଣ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ଏଥିସହ ଜଳସ୍ତର ଦିନକୁଦିନ ହ୍ରାସ ପାଇବାରେ ଲାଗିଛି। ପାଣି ପାଇଁ ଲୋକେ ତହଲବିକଳ ହେଉଛନ୍ତି। ବେଗୁନିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଏକାଧିକ ଗ୍ରାମରେ ଜଳସଙ୍କଟ ଦେଖାଦେଲାଣି। ଫଳରେ ଲୋକେ ପାଣି ପାଇଁ ଗରା, ମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇଲେଣି। ଗତ ୨୩ତାରିଖରେ ଗଡ଼ମାଣତୀର ଗ୍ରାମବାସୀ ପାଣି ପାଇଁ ରାସ୍ତା ଅବରୋଧ କରିଥିଲେ। ଗୁରୁବାର ପୁଣି ଏହି ବ୍ଲକ ଅଧୀନ ଦେଉଳି ପଞ୍ଚାୟତର ଗୋଡ଼ା ଗ୍ରାମର ଶତାଧିକ ମହିଳା, ପୁରୁଷ ପାଣି ଯୋଗାଣ ଦାବିରେ ମାଠିଆ, ଗରା, ବାଲ୍ଟି ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଆମକୁ ପାଣି ଦରକାର। ପାଣି ବିନା ଆମେ କିପରି ବଞ୍ଚିବୁ ବୋଲି ସ୍ଲୋଗାନ ଦେଇଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପାଣି ସମସ୍ୟା ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗୋଡା ମୌଜାରେ ଆରଡବ୍ଲ୍ୟୁଏସ୍ଏସ୍ ସଂସ୍ଥା ପକ୍ଷରୁ ଗୋଡା ମଠସାହି ଶନିମନ୍ଦିର ପାଖରେ ବସୁଧା ଯୋଜନାରେ ଏକ ବୋରୱେଲ ଖନନ କରାଯାଇଛି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ପାଣି ଟାଙ୍କି ବ୍ୟବସ୍ଥା କରାଯାଇଛି। ତେବେ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ମାଟିତଳେ ପୋତାଯାଇଥିବା ପାନୀୟଜଳ ପାଇପରୁ ଅନ୍ଧାର ରାତିର ସୁଯୋଗନେଇ ନିଜ ଘରକୁ ସଂଯୋଗ ନେବା ସହ ଜମିକୁ ପାଣି ମଡାଉଛନ୍ତି। ନିଜ ଘର ପାଣି ଟାଙ୍କି, କୂଅରେ ପାଣି ଭର୍ତ୍ତି କରି ପାଣିର ଅପଚୟ କରୁଛନ୍ତି। ଫଳରେ ଏହି ଗ୍ରାମର ଟାଙ୍ଗୀସାହିର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପରିବାର ପାଣିରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ। ଫଳରେ ସାହିବାସିନ୍ଦା ନଈ, ନାଳ, ପୋଖରୀ ପାଣି ଉପରେ ନିର୍ଭରଶୀଳ। ତେବେ ଗ୍ରୀଷ୍ମ ପ୍ରଭାବରେ ଏହା ସବୁ ଶୁଖିଲା ପଡ଼ିଛି। ଫଳରେ ପାଣି ପାଇଁ ଗ୍ରାମବାସୀ, ଜୀବଜନ୍ତୁ ହନ୍ତସନ୍ତ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଯୁଧିଷ୍ଠିର ସାମନ୍ତରାୟ, କାବେରୀ ସାମନ୍ତରାୟ, ହୃଷୀକେଶ ବେହେରା, କାମିନୀ ବେହେରା, ଦୁର୍ଯ୍ୟୋଧନ ନାୟକ, ସୁରେନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରାଙ୍କ ସମେତ ବହୁ ମହିଳା, ପୁରୁଷ, ବରିଷ୍ଠ ନାଗରିକ ପ୍ରମୁଖ ଦାବପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

**ଟାଙ୍ଗୀ,୨୫।୪(ରଘୁନାଥ ସାହୁ):** ଜଣେ ୧୩ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ମୋହନ ନାୟକ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୬ମାସ ପୂର୍ବେ ମୋହନ ସମ୍ପୃକ୍ତ ନାବାଳିକାଙ୍କୁ କେଉଁଆଡ଼େ ନେଇ ପଳାଇଥିଲେ। ଉଭୟ ଗାଁ କୁ ଫେରିବା ପରେ ଘରେ ରହିବାକୁ ମୋହନଙ୍କ ବାପା ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ମୋହନ ତାଙ୍କୁ ବଳାତ୍କାର କରିଥିବା ନେଇ ନାବାଳିକା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ମୋହନଙ୍କୁ ଗିରଫ କରିଥିଲା।

### ଦେଶୀମଦ ଜବତ, ୨ ଗିରଫ

ବୋଲଗଡ଼,୨୫।୪(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀସାହିରେ ପୋଲିସ ଚଢ଼ାଉ କରି ୧୪୬ଲିଟର ଦେଶୀମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋଜ ଦାସ (୩୧) ଓ ଲକ୍ଷ୍ମଣ ସାହୁ(୩୩)। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏସ୍ଆଇ ଲିଲି ପାଢ଼ୀ, ଏଏସ୍ଆଇ ପ୍ରସନ୍ନ ଦଳାଇ, କନ୍‌ଷ୍ଟେବଲ ସରିଫ ଖାନ ପ୍ରମୁଖ ସାମିଲ ଥିଲେ। ତେବେ ବୋଲଗଡ଼ ଅଞ୍ଚଳରେ ଚୋରା ମଦ କାରବାର ବଢ଼ିଚାଲିଥିବା ନେଇ ଅଭିଯୋଗ ହୋଇଆସୁଛି। ଥାନା ପକ୍ଷରୁ ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ବରାଳ ସୂଚନା ଦେଇଛନ୍ତି।

### ଶିଳ୍ପାଞ୍ଚଳରୁ ବାଇକ୍ ଚୋରି

**ଝାଁଳା,୨୫।୪(ବୁଲା ବାରିକ):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ଶିଳ୍ପାଞ୍ଚଳରୁ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଖୋର୍ଦ୍ଧା ଝିଙ୍କିଝରି ଗ୍ରାମର ଶ୍ରୀମନ୍ତ ସାହୁ। ସୂଚନା ମୁତାବକ, ଶ୍ରୀମନ୍ତ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ବୁଧବାର ସେ ବାଇକ୍‌କୁ କମ୍ପାନୀ ଆଗରେ ରଖି କାମ କରିବାକୁ ଯାଇଥିଲେ। କେହି ଦୁର୍ବୃତ୍ତ ସେଠାକୁ ଚାଲି ଚାଲି ଆସି ତାଙ୍କ ବାଇକ୍ (ଓଡି ୦୨ ଏଭି ୬୨୪୨)କୁ ନେଇଯାଇଥିବା ସିସିଟିଭିରେ କଏଦ ହୋଇଛି। ଏନେଇ ଶ୍ରୀମନ୍ତଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମିତ ଶିଶୁର ସ୍ଥିରତା ୟୁନିଟ୍ ଉଦ୍‌ଘାଟନ ଆଜି

**ଟାଙ୍ଗୀ,୨୫।୪ (ରଘୁନାଥ ସାହୁ):** ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମିତ ଶିଶୁର ସ୍ଥିରତା ୟୁନିଟ୍ ଶୁକ୍ରବାର ଉଦ୍‌ଘାଟନ ହେବ ବୋଲି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଡା. ସତ୍ୟ ରଞ୍ଜନ ନନ୍ଦ ସୂଚନା ଦେଇଛନ୍ତି। ଅତିଥିଭାବେ ଖୋର୍ଦ୍ଧା ଜଲା ମୁଖ୍ୟ ଚିକିତ୍ସାଧିକାରୀ ଯୋଗଦେଇ ଏହି ୟୁନିଟକୁ ଉଦ୍‌ଘାଟନ କରିବେ। ସୂଚନାଯୋଗ୍ୟ, ଏମ୍ସ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ସମସ୍ତ ବିଭାଗର ବିଶେଷଜ୍ଞମାନେ ଉପସ୍ଥିତ ରହି ରୋଗୀମାନଙ୍କୁ ପରୀକ୍ଷା ଓ ନିଦାନ ସମ୍ପର୍କରେ ପରାମର୍ଶ ଦେବେ।

# ଖଣିରେ ଚଢ଼ାଉ ବେଳେ ପୋଲିସ ଉପରେ ଗାଡ଼ି ଚଢ଼ାଇଦେବାକୁ ଉଦ୍ୟମ

**ଜେସିବି, ପାୱାର ଟିଲର ଜବତ: ଜଣେ ଗିରଫ**




ନିରାକାରପୁର,୨୫।୪
(ମାନସ ଚନ୍ଦ୍ର ପଟ୍ଟନାୟକ )

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରୀଆ ପଞ୍ଚାୟତ ଅନ୍ତର୍ଗତ ବୋଡ଼ଙ୍ଗରାଠାରେ ଥିବା ମାଙ୍କଡ଼ା ପଥର ଖଣିରେ ଗୁରୁବାର ଚଢ଼ାଉ ବେଳେ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଉକ୍ତ ଥାନାର ଏସ୍ଆଇ ଦୀପଲିଶା ନାୟକ। ମାଫିଆମାନେ ତାଙ୍କ ଉପରକୁ ଗାଡ଼ି ଚଢ଼ାଇଦେବାକୁ ଉଦ୍ୟମ କରିଥିଲେ। ତେବେ ଏଥିରେ ତାଙ୍କର ଗୋଡ଼ ଆଙ୍ଗୁଠିରେ ଆଘାତ ଲାଗିଛି। ଘଟଣାସ୍ଥଳରୁ ଗୋଟିଏ ଜେସିବି ଓ ପାୱାର ଟ୍ରିଲର ଜବତ ହୋଇଛି। ଘଟଣାସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ପାୱାର ଟ୍ରିଲର ଚାଳକ ବୋଡ଼ଙ୍ଗରା ଗ୍ରାମର ଭୀମସେନ ମାଝୀ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜେସିବି ଚାଳକ ଓ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍ଆଇ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଏଏସ୍ଆଇ ତପନ ନାୟକଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ସାମିଲ ଥିଲେ।

# 'ଜ୍ଞାନ ଆହରଣ ପାଇଁ ସମୟର ସଦ୍‌ବିନିଯୋଗ କର'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୨୫।୪(ଦେବବ୍ରତ ହୋତା)

ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଏବଂ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକଙ୍କ ଆବାହକତ୍ୱରେ ଓଡ଼ିଆ ଭାଷା ସମ୍ପର୍କିତ କର୍ମଶାଳା କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅତିଥିଭାବେ ଅଧ୍ୟାପକ କର୍ମୋଦୟ ଛୋଟରାୟ ଯୋଗଦେଇ ଜ୍ଞାନ ଆହରଣ ପାଇଁ ସମୟର ସଦ୍‌ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଓଡିଆ ବିଭାଗର ଛାତ୍ରୀମାନେ ବିଦାୟକାଳୀନ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ ବେଦ ପାଠ କରିଥିଲେ। ଓଡ଼ିଆ ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ବିଦାୟ ନେଉଥିବା ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଲଗାଇ ଗୋଲାପ ସହିତ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କର୍ମଶାଳାରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ସମ୍ମାନିତ ଅତିଥିମାନେ ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସଭାପତି ପ୍ରଫେସର ହେମନ୍ତ କୁମାର ମହାପାତ୍ର ବିଦାୟୀ ଛାତ୍ରୀଛାତ୍ରଙ୍କ ସଫଳତା ଓ ଉତ୍ତରୋତ୍ତର ଉନ୍ନତି କାମନା କରି ମା, ମାଟି ଓ ମାତୃଭାଷାକୁ ଭଲ ପାଇବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶେଷରେ ଛାତ୍ରୀ ଯଶସ୍ୱିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସି ଭିଜିଲ ଆପ୍ ସଚେତନତା ଶିବିର




କୃଷ୍ଣପ୍ରସାଦ,୨୫।୪
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପାଖେଇ ଆସୁଛି ସାଧାଣ ନିର୍ବାଚନ। ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ଶୃଙ୍ଖଳିତ ଓ ନିରପେକ୍ଷ କରିବା ଦିଗରେ ଗୁରୁବାର ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟିଜ୍ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ପରିସରରେ ନିର୍ବାଚନ କମିଶନଙ୍କ 'ସି-ଭିଜିଲ' ଆପ୍ ବ୍ୟବହାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କୁ ସଚେତନ କରାଯିବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସମ୍ପର୍କିତ ତଥ୍ୟକୁ ସି-ଭିଜିଲ ଆପ୍ ମାଧ୍ୟମରେ କିପରି ଅଭିଯୋଗ କରାଯାଇପାରିବ ଏବଂ ତାହା କିପରି ୧୦୦ ମିନିଟ ମଧ୍ୟରେ ସମାଧାନ ହୋଇପାରୁଛି ସେ ସମ୍ପର୍କରେ ଅବଗତ କରାଯାଇଥିଲା। ସି-ଭିଜିଲ ଆପ ବ୍ୟବହାର ସମ୍ପର୍କିତ ଲିଫ୍‌ଲେଟ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ ସମୟରେ ୩୦ରୁ ଊର୍ଦ୍ଧ୍ୱ ଆଣ୍ଡ୍ରଏଡ୍ ମୋବାଇଲରେ ସ୍ଥାନୀୟ ଜନସାଧାରଣ ସି-ଭିଜିଲ ଆପ୍ ଖୋଲିଥିଲ। ଅନୁଷ୍ଠାନର କୋଷାଧ୍ୟକ୍ଷଙ୍କ ସମେତ ଶଙ୍କର ପଲାଇ, ରାଜକିଶୋର ନାୟକ, ଭରତ ବେହେରା, ଅମିତା ତରେଇ, ଗଗନ ଜେନା, ସୁବାସ ପଲେଇ, ପ୍ରଦୀପ ଦଳେଇ, ବାପି ପଲେଇ, ସମର ଦଳେଇ, ହିରନ୍ୟ ନାୟକ, ରାହୁଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୋବାଇଲ ବାର୍ତ୍ତାଳାପ ପ୍ରଘଟ ନେଇ ଥାନାରେ ଏତଲା

ବୋଲଗଡ଼,୨୫।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ସାମାଜିକକର୍ମୀ ଉର୍ମିଳା ପାଣିଗ୍ରାହୀ ତାଙ୍କର ଏକ ମୋବାଇଲ ବାର୍ତ୍ତାଳାପର ଅନାଧିକୃତ ଭାବେ ରେକର୍ଡିଂ କରି ଭାଇରାଲ କରାଯିବା ନେଇ ଭୁବନେଶ୍ୱରର ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ଖଣ୍ଡଗିରି ଅଞ୍ଚଳରେ ବସବାସ କରୁଥିବା ଉର୍ମିଳାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବିନାନୁମତିରେ ଏକ ଡିଜିଟାଲ ଗଣମାଧ୍ୟମ ତାଙ୍କ ବିନାନୁମତିରେ ଜଣେ ରାଜନେତାଙ୍କ ସହ ବାର୍ତ୍ତାଳାପ ସମୟର ରେକର୍ଡିଂ କରି ଏହାକୁ ପ୍ରଚାର ଓ ପ୍ରସାର କରିଚାଲିଛି। ଏନେଇ ତାଙ୍କର ବହୁ ବ୍ୟକ୍ତିଗତ ବିଷୟ ପ୍ରଘଟ ହୋଇ ସମ୍ମାନହାନି ହେବା ସହ ମାନସିକ ସ୍ତରରେ ନିର୍ଯାତନା ପାଇଛନ୍ତି। ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି।

# ମହିଳାନେତ୍ରୀ ପରିଚୟ ଦେଇ ଲକ୍ଷାଧିକ ଟଙ୍କା ଠକେଇ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ନିଜକୁ ଜଣେ ଆଦିବାସୀ ମହିଳା ଓ ସଭାନେତ୍ରୀ ବୋଲି ପରିଚୟ ଦେଇ ପ୍ରଥମେ ଦଳିତ ମହିଳାଙ୍କ ସମ୍ପର୍କ ବଢ଼ାଇଲେ। ପରେ ପକ୍କା ଘର, ଶ୍ରମିକ କାର୍ଡ ଏବଂ ଭତ୍ତା କରାଇ ଦେବା ବାହନା ଦେଖାଇ ତାପଙ୍ଗ ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରି ନେଇଛନ୍ତି। ସମ୍ପୃକ୍ତ ନେତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଟଙ୍କା ଫେରିପାଇବା ପାଇଁ ପୀଡିତା ମହିଳାମାନେ ଏସ୍‌ପି ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାନଗୋବିନ୍ଦପୁର ଗୁଡୁମ ଅଞ୍ଚଳର ଜଣେ ମହିଳା ନିଜକୁ ଦଳିତ ଆଦିବାସୀଙ୍କ ନେତ୍ରୀ ବୋଲି ପରିଚୟଦେଇ ନିଜିଗଡ ତାପଙ୍ଗ ବାଘଟାଙ୍ଗୀ ଆଦିବାସୀ ଗ୍ରାମକୁ ଯାଇ ମହିଳାଙ୍କ ବିଶ୍ୱାସ ଜନ୍ମେଇଥିଲେ। ସେମାନଙ୍କୁ ପକ୍କା ଘର, ଶ୍ରମିକ କାର୍ଡ ଏବଂ ଭତ୍ତା ଯୋଗାଇଦେବାକୁ କହି ଜଣଙ୍କ ପିଛା ୫ହଜାର ଟଙ୍କା ହିସାବରେ ଶହେ ଜଣ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। ଏକ ମାସ ମଧ୍ୟରେ ସମସ୍ତଙ୍କ ସୁବିଧା ଯୋଗାଇଦେବା ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଧରାଛୁଆଁ ଦେଇ ନ ଥିଲେ। ଟଙ୍କା ଦେଇଥିବା ମହିଳାମାନେ ତାଙ୍କ ଗ୍ରାମକୁ ବାରମ୍ବାର ଯାଇଥିଲେ ମଧ୍ୟ ଆଜିକାଲି କହି ସେ ଦିନ ଗଡାଇ ଚାଲିଥିଲେ। ସେ ଲୋକଙ୍କୁ ବିଭିନ୍ନ ଲାଲସା ଦେଖାଇ ଟଙ୍କା ଲୁଟ କରୁଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ନେତ୍ରୀ ଜଣଙ୍କ ପଣ୍ଡାଳମ, ବାଲିପାଟଣା, କରଡ଼ଗାଡିଆ ଭଳି ଏକାଧିକ ଆଦିବାସୀ ଗ୍ରାମରେ ଲୋକଙ୍କ ଟଙ୍କା ନେଇଥିବା ଅଭିଯୋଗ କରିଛନ୍ତି। କାହାକୁ ଜମି ପଟ୍ଟା କରାଇଦେବା ତ' ଆଉ କାହାଠାରୁ ଗ୍ରୁପ ଋଣ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ୪ଟି ମହିଳା ଗ୍ରୁପଠାରୁ ଋଣ କରାଇବା ଆଳ ଦେଖାଇ ଜଣକ ପିଛା ୫ଶହ ଟଙ୍କା ହିସାବରେ ୨୦ହଜାର ଟଙ୍କା ନେଇଥିବା ବେଳେ ପୁଣି ଅଫିସର ଆଉ ଟଙ୍କା ମାଗୁଛନ୍ତି କହି ପରବର୍ତ୍ତି ସମୟରେ ୫ହଜାର ଟଙ୍କା ନେଇଛନ୍ତି। ପକ୍କା ଘର କରାଇ ଦେବାକୁ କହି ଗ୍ରାମର ଶାନ୍ତିନାୟକ, ସଜନୀ ନାୟକ ଓ ଟୁନି ନାୟକଙ୍କଠାରୁ ୫ହଜାର ଲେଖାଏ ମୋଟ ୧୫ହଜାର ଟଙ୍କା ନେଇଛନ୍ତି। ବ୍ୟାଙ୍କ ପାସବୁକ ଖୋଲିଦେବା ଆଳ ଦେଖାଇ ୨୦ଜଣ ମହିଳାଙ୍କଠାରୁ ଜଣଙ୍କ ପିଛା ୫ଶହ ଟଙ୍କା ହିସାବରେ ୧୦ହଜାର ଟଙ୍କା ଏବଂ ଶ୍ରମ କାର୍ଡ ପାଇଁ ୫୦ଜଣଙ୍କ ଠାରୁ ଜଣଙ୍କ ପିଛା ୭୫୦ ଟଙ୍କା ହିସାବରେ ୩୭ହଜାର ୫ଶହ ଟଙ୍କା ନେଇଛନ୍ତି। ଗରିବ ଆଦିବାସୀଙ୍କ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ହଡପ କରିଥିବା ସମ୍ପୃକ୍ତ ନେତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ନୋଟାରି ମାଧବଚନ୍ଦ୍ରଙ୍କ ବିୟୋଗରେ ଶୋକସଭା

ବୋଲଗଡ଼,୨୫।୪(ଦେବବ୍ରତ ହୋତା)

ବୋଲଗଡ଼ ତହସିଲରେ କାର୍ଯ୍ୟରତ ଥିବା ନୋଟାରି ବରିଷ୍ଠ ଓକିଲ ମାଧବଚନ୍ଦ୍ର ରାଉତରାୟଙ୍କ ବିୟୋଗରେ ଗୁରୁବାର ତହସିଲ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ପାଦିକା ସୁଶ୍ରୀ ଗୌରୀ ଦେବୀ, କେଦାରନାଥ ଚମ୍ପତି, ଆରିଫ ଖାନ, ପ୍ରଦୋଷ ଷଡ଼ଙ୍ଗୀ, ପୁରୁଷୋତ୍ତମ ସୁବୁଦ୍ଧି, ବ୍ରହ୍ମାନନ୍ଦ ପଟଯୋଶୀ, ଶୁଭଶ୍ରୀ ପଟ୍ଟନାୟକ, ବୀର ଦାସ, ସୁଧିର ନିଶଙ୍କ, ସଚଳା ଦଳେଇ, ସୁରେନ୍ଦ୍ର ପଟଯୋଶୀ, ଦୀନବନ୍ଧୁ ଦଳାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ରାଉତରାୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ।

# ଶୌଚାଳୟରେ ତାଲା: ରେଳଯାତ୍ରୀ ହଇରାଣ



ନିରାକାରପୁର,୨୫।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଏକ ପ୍ରମୁଖ ରେଳ ଷ୍ଟେଶନ। ଷ୍ଟେଶନରେ ବିଶାଖା, ଇଣ୍ଟରସିଟି, ରାଜ୍ୟରାଣୀ, ତିରୁପତି, ପ୍ରଶାନ୍ତି, ହୀରାଖଣ୍ଡ, ତପସ୍ୱିନୀ, ଇଷ୍ଟକୋଷ୍ଟ ଭଳି ଏକ୍ସପ୍ରେସ ଓ ସୁପରଫାଷ୍ଟ ଟ୍ରେନ ସମେତ ଗୁଣୁପୁର-ପୁରୀ, ଡିଏମ୍‌ୟୁ, ପଲାସା-ଭୁବନେଶ୍ୱର, ପଲାସା- କଟକ ମେମୋ ଭଳି ଟ୍ରେନ ରହଣି ଯୋଗୁ ଏହା ଉପରେ ଖୋର୍ଦ୍ଧା, ବେଗୁନିଆ, ରଣପୁର, ସତ୍ୟବାଦୀ, ବ୍ରହ୍ମଗିରି ଆଦି ନିର୍ବାଚନମଣ୍ଡଳୀର ଶହଶହ ସଂଖ୍ୟାରେ ଯାତ୍ରୀ ନିର୍ଭର କରିଥାନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟେଶନରେ ରେଳବାଇ ପକ୍ଷରୁ ଅନେକ ସୁବିଧା ସୁଯୋଗ କରାଯାଇଛି। ଶୌଚ ପାଇଁ ଏସିଆର୍ ଫଣ୍ଡରୁ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡର ସହଯୋଗରେ ଲକ୍ଷାଧିକ ଟଙ୍କା ବିନିମୟରେ ୧ନଂ. ପ୍ଲାଟଫର୍ମର ପଛ ପାର୍ଶ୍ୱରେ ଏକ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଛି। ଏହାର ନିର୍ମାଣକୁ ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଯାତ୍ରୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତୁରନ୍ତ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବାକୁ ଯାତ୍ରୀ ମହଲରେ ଦାବି ହେଉଛି। ଏନେଇ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ (ଆଇଡବ୍ଲ୍ୟୁ) ଆର୍. ଏନ୍. ମହାପାତ୍ରଙ୍କୁ ପଚାରିବାରେ, ଶୌଚାଳୟ ପାଇଁ ରେଳ ବିଭାଗ ଜାଗା ଦେଇଥିବାବେଳେ ଏଥିରେ ଏସିଆର୍ ଫଣ୍ଡ ଅର୍ଥ ଖର୍ଚ୍ଚ ହୋଇଛି । ତେଣୁ ବିଭାଗ ପକ୍ଷରୁ ଏହାକୁ ଟେଣ୍ଡର କରାଯିବ। ଟେଣ୍ଡର ପରେ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଯନ୍ତ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

# ଟ୍ରକ୍ ପଛକୁ ପିଟିଲା ଟ୍ରକ୍: ହେଲ୍ପର ମୃତ

ବାଣପୁର,୨୫।୪(ଦିଲୀପ ସ୍ୱାଇଁ)

୧୬ନଂ. ଜାତୀୟ ରାଜପଥର ବାଣପୁର ଥାନା ଅନ୍ତର୍ଗତ ବେଲପଡ଼ା ଛକ ନିକଟରେ ଗୁରୁବାର ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ରାସ୍ତାକଡ଼ରେ ରହିଥିବା ଏକ ଟ୍ରକ୍‌ର ପଛକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ର ସମ୍ମୁଖ ଭାଗ ଭାଙ୍ଗି ଚୂରମାର ହୋଇଯାଇଥିବା ବେଳେ ଡ୍ରାଇଭରଙ୍କ ବାମଗୋଡ଼ ଷ୍ଟିୟରିଙ୍ଗ ମଧ୍ୟରେ ଚାପି ହୋଇ ରହିଯାଇଥିଲା। ଏଥିସହ ଶୋଇଥିବା ଅବସ୍ଥାରେ ହେଲ୍ପରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ତାଙ୍କର ପରିଚୟ ମିଳିପାରି ନାହିଁ। ଖବରପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ହାଇଡ୍ରୋଲିକ କଟର ସାହାଯ୍ୟରେ ଟ୍ରକକୁ କାଟି ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ପହଞ୍ଚି ହେଲପରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ବସ୍-ଅଟୋ ଧକ୍କା, ଚାଳକ ଗୁରୁତର

ବାଣପୁର,୨୫।୪(ଦିଲୀପ ସ୍ୱାଇଁ)



ନାରୁଣୀ ଯାଉଥିବା ଏକ ଅଟୋ ସହ ଜୀବନଦେଇପୁର ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅନ୍ତର୍ଗତ ଜୀବନଦେଇପୁର ଛକ ନିକଟରେ ଗୁରବାର ସଡ଼କ ଦୁର୍ଘଟଣା ଘଟିଛି। ଏକ ଘରୋଇ ଯାତ୍ରୀବାହି ବସ୍ ଓ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ମା ସୁନା ରୁପା ବସ୍ ବାଣପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ଗମ୍ଭାରୀମୁଣ୍ଡାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଣପୁର

# ସ୍ଥିତିବାନ୍ ଜାଗାରେ ପାଚେରି ନିର୍ମାଣକୁ ବିରୋଧ

**ବେଗୁନିଆ ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅର୍ଥ ବାଟବଣା**



ସ୍ଥିତିବାନ୍ ଜମିରେ ନିର୍ମାଣ ହୋଇଥିବା ପାଚେରି।




ଲାଗିଥିବା ନାମଫଳକ।

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ପଞ୍ଚାୟତର ବିକାଶ ଲକ୍ଷ୍ୟରେ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଆରମ୍ଭ କରିଥିଲେ। ପ୍ରତି ପଞ୍ଚାୟତକୁ ବିଭିନ୍ନ ଯୋଜନା ପାଇଁ ୫୦ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ତେବେ ଏହି ଯୋଜନାରେ ବ୍ୟାପକ ହରିଲୁଟ ଚାଲିଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ପଞ୍ଚାୟତର ଏକ ଘରୋଇ ସ୍ଥିତିବାନ ଜାଗାରେ ଉକ୍ତ ଯୋଜନାରେ ମେଳଣ ପଡିଆ ପାଚେରି ନିର୍ମାଣ ପାଇଁ ୨.୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏନେଇ ଉକ୍ତ ପ୍ଲଟ ମାଲିକ କଟକ ତୁଳସୀପୁର ସୁନାପାଟଣା ଗ୍ରାମର ସଞ୍ଜୟ କୁମାର ଦାସ ବେଗୁନିଆ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘରୋଇ ଜାଗାରେ କିପରି ସରକାରୀ ଅର୍ଥ ବ୍ୟୟ କରାଯାଇଛି ତାହାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ସଞ୍ଜୟ ଓ ତାଙ୍କ ଭାଇ ୨୦୧୨ ମସିହାରେ ପ୍ଲଟ ନଂ.୪୨୭/ ୯୬୩, ଖାତା ନଂ.୨୨୪/୩ କିସମ ସାରଦ ୩, ଏରିଆ- ୧୨୫ ଡିସିମିଲ, ମୌଜା ବଡ଼ତୁଳସୀପୁର, ଜିଲା ଖୋର୍ଦ୍ଧାରେ ଜାଗା କିଣିଥିଲେ। ଦୁଇ ଭାଇ ବାହାରେ ରହୁଛନ୍ତି । ଏହାର ସୁଯୋଗ ନେଇ ନେଇ ବ୍ଲକ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ବେଆଇନ ଭାବେ ଉକ୍ତ ଜାଗାରେ ପାଚେରି ନିର୍ମାଣ କରିଛନ୍ତି । ଉକ୍ତ ପ୍ଲଟରେ ନିର୍ମାଣ ହୋଇଥିବା ପାଚେରି ଭାଙ୍ଗିବା ସହ ଉପଯୁକ୍ତ ନ୍ୟାୟ ପ୍ରଦାନ ଲାଗି ସଞ୍ଜୟ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ସ୍ଥାନୀୟ ବିଡିଓ, ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

ଗୋପ/ଯୋଗେଶ୍ୱରପୁର,୨୫।୪ (ଭାରତୀ ଭୂଷଣ ଉପାଧ୍ୟାୟ/ ରଶ୍ମିରଞ୍ଜନ ସାହୁ): ଗାଁ ପୋଖରୀକୁ ଗାଧୋଇ ଯାଇଥିବାବେଳେ ପାହାଚରେ ଲାଗିଥିବା ଶିଉଳିରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଗୁରୁବାର ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗୋପ ଥାନା ଅଧୀନ ଉଭାର ଗ୍ରାମର ପାପୁନି ବରାଳଙ୍କ ଝିଅ ସ୍ମୃତିରେଖା (୧୨) ଓ ସାନ ଭାଇ ଶରତ ବରାଳଙ୍କ ଝିଅ ଶୁଭଶ୍ରୀ ବରାଳ (୯)। ପୋଲିସ ୮/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବାଲ୍‌ଟି, ପୋଷାକ ଓ ଚପଲ ହୁଡ଼ାରେ ଥୋଇ ପୋଖରୀକୁ ଯାଇଥିଲେ। ପାହାଚରେ ଲାଗିଥିବା ଶିଉଳିରେ ଶୁଭଶ୍ରୀଙ୍କ ଗୋଡ଼ ଖସିଯାଇଥିଲା। ବଡ଼ ଭଉଣୀ ସ୍ମୃତିରେଖା ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ପୋଖରୀରେ ବୁଡ଼ି ଯାଇଥିଲେ। କିଛି ଘଣ୍ଟା ଧରି ୨ ଭଉଣୀ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାରୁ ଦୁହିଁଙ୍କୁ ପୋଖରୀରୁ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭାର ସରପଞ୍ଚ ଜଗବନ୍ଧୁ ବରାଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି। ତେବେ ସ୍ମୃତିରେଖା ୫ମ ଓ ଶୁଭଶ୍ରୀ ୪ର୍ଥ ଶ୍ରେଣୀରେ ପଢୁଥିଲେ।

### ବାପାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବେ ଗ୍ୟାଙ୍ଗ୍‌ଷ୍ଟର ଧଳସାମନ୍ତ ଭ୍ରାତା

**୨ ଦିନର ଅନୁମତି ଦେଲେ ଅଦାଲତ**

କଟକ,୨୫।୪(କାର୍ତ୍ତିକ ସାହୁ): ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା ତାଙ୍କ ଦିବଂଗତ ବାପାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ନିମନ୍ତେ ଅଦାଲତ ଅନୁମତି ଦେଇଛନ୍ତି। ଆସନ୍ତା ୨୯ ଓ ୩୦ ତାରିଖରେ ହେବାକୁ ଥିବା ଦଶାହ ଏବଂ ଏକାଦଶ କର୍ମରେ ସୁଶୀଲ ଓ ସୁଶାନ୍ତ ଧଳସାମନ୍ତ ଭ୍ରାତା ଯୋଗଦେବା ନିମନ୍ତେ କଟକ ଜିଲା ଓ ଦୌରାଜଜ ଅନୁମତି ପ୍ରଦାନ କରିଛନ୍ତି। ଧଳସାମନ୍ତ ଭ୍ରାତା ପୋଲିସର କଡ଼ା ହେପାଜତରେ ଉକ୍ତ ଦୁଇ ଦିନ ତାଙ୍କ ବାସଭବନରେ ରହି ବାପାଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ କରିବେ ବୋଲି ଅଦାଲତ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସିଡିଏ ଅଞ୍ଚଳରେ ରହୁଥିବା ଧଳସାମନ୍ତ ଭ୍ରାତାଙ୍କ ପିତା ସରୋଜ କୁମାର ଧଳସାମନ୍ତ(୭୧)ଙ୍କର ଗତ ୨୦ ତାରିଖରେ ପରଲୋକ ଘଟିଥିଲା। ଏନେଇ ସୂଚନା ପାଇବା ପରେ ଧଳସାମନ୍ତ ଭ୍ରାତା ଅଦାଲତଙ୍କ ଅନୁମତି ନେଇ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇଥିଲେ। କଡ଼ା ସୁରକ୍ଷା ବଳୟରେ ଉଭୟଙ୍କୁ ଜେଲରୁ ଅଣାଯାଇଥିଲା। ପିତାଙ୍କ ଶେଷକୃତ୍ୟ ସମ୍ପନ୍ନ କରି ଦୁହେଁ ପୁଣି କାରାଗାରକୁ ଫେରିଯାଇଥିଲେ। ତେବେ ଶୁଦ୍ଧିକ୍ରିୟାରେ ସାମିଲ ହେବା ନିମନ୍ତେ ଧଳସାମନ୍ତ ଭ୍ରାତାଙ୍କ ପକ୍ଷରୁ କଟକ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଆବେଦନ କରାଯାଇଥିଲା। ଅଦାଲତ ଆବେଦନକୁ ଗ୍ରହଣ କରି ୨ଦିନ ପୋଲିସ ହେପାଜତରେ ରହି ଦଶାହ ଓ ଏକାଦଶାହ କର୍ମ ସମ୍ପନ୍ନ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି।

# ରେଡ୍ ସ୍ୟାଣ୍ଡବୋଆ ସାପ ରଖି ୨ ଦିଲ୍ଲୀ ନାଗରିକ ଗିରଫ

ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)

ବିରଳ ରେଡ୍ ସ୍ୟାଣ୍ଡବୋଆ ସାପକୁ ବେଆଇନ ଭାବେ ରଖିଥିବା ଦୁଇଜଣ ଦିଲ୍ଲୀ ନାଗରିକଙ୍କୁ ବନ ବିଭାଗର ମଞ୍ଚେଶ୍ୱର ରେଞ୍ଜ ପକ୍ଷରୁ ଗିରଫ କରାଯାଇଛି।। ସେମାନେ ହେଲେ ଦକ୍ଷିଣ ଦିଲ୍ଲୀ ଅଞ୍ଚଳର କରମବୀର ନାଥ (୩୯) ଓ ସିବିଲ ନାଥ (୪୪)। ତାଙ୍କ ନିକଟରୁ ଏକ ଦୁଇଫୁଟ ଲମ୍ବର ରେଡ୍ ସ୍ୟାଣ୍ଡବୋଆ ଜବତ କରାଯାଇଛି। ଏହି ସାପ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ତଫସିଲ-୧ ଅନ୍ତର୍ଭୁକ୍ତ ସରୀସୃପ ହୋଇଥିବାରୁ ସେମାନଙ୍କୁ ପୋଷା କରି ରଖିବା ଦଣ୍ଡନୀୟ ଅପରାଧ। ତେଣୁ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କରମବୀର ଏବଂ ସିବିଲ ନାଥ ଭୁବନେଶ୍ୱର ଗ୍ୟାରେଜ ଛକରେ ଲୋକମାନଙ୍କୁ ରେଡ୍ ସ୍ୟାଣ୍ଡବୋଆ ସାପ ଦେଖାଉ ଥିବାବେଳେ


ଉଦ୍ଧାର ରେଡ୍ ସ୍ୟାଣ୍ଡବୋଆ ସାପ।


ଗିରଫ ୨ ଦିଲ୍ଲୀ ନାଗରିକ

ଲିଙ୍ଗରାଜ ଥାନା ପୋଲିସ ହାତରେ ଧରା ପଡ଼ିଥିଲେ। ପୋଲିସ ସେମାନଙ୍କୁ ଥାନାକୁ ଆଣିବା ପରେ ମଞ୍ଚେଶ୍ୱର ରେଞ୍ଜକୁ ଖବର ଦେଇଥିଲେ। ମଞ୍ଚେଶ୍ୱର ରେଞ୍ଜ ପକ୍ଷରୁ ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଥାନାରେ ପହଞ୍ଚି ସାପଟିକୁ ରେଡ୍ ସ୍ୟାଣ୍ଡବୋଆ ବୋଲି ଚିହ୍ନଟ କରିଥିଲେ। ସାପଟି ଅନେକଦିନ ହେଲା ଖାଦ୍ୟ ପାନୀୟ ଗ୍ରହଣ ନ କରି ଦୁର୍ବଳ ହୋଇଯାଇଥିଲା। ଥାନା ପରିସରରେ ସାପଟିକୁ ଶୁଭେନ୍ଦୁ ହାତରେ ଧରି ପାଣି ପିଆଇବା ପରେ ସାପଟି ଟିକେ ଫୁର୍ତ୍ତି ଅନୁଭବ କରି ଚଳପ୍ରଚଳ ଆରମ୍ଭ କରିଥିଲା। ପରେ ରେଞ୍ଜର ସତ୍ୟାନନ୍ଦ ପାଲଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର କୁଳମଣି ନାୟକ, ଦିଲୀପ ମିଶ୍ର, ସରୋଜିନୀ ସାହୁ ଥାନାକୁ ଆସି ସାପ ସମେତ ଦୁଇ ଅଭିଯୁକ୍ତଙ୍କୁ ରେଞ୍ଜ ଅଫିସକୁ ନେଇଥିଲେ। ତେବେ ଏହି ପ୍ରଜାତିର ସାପ ଭୁବନେଶ୍ୱରରେ ପ୍ରାକୃତିକ ପରିବେଶରେ ମିଳନ୍ତି ନାହିଁ। ତେଣୁ ଏହାକୁ ଅଭିଯୁକ୍ତ ଦୁଇଜଣ ରାଜ୍ୟ ବାହାରୁ ଆଣିଥିବେ ବୋଲି ଶୁଭେନ୍ଦୁ ଅନୁମାନ କରିଛନ୍ତି। ସେହିପରି ଏହି ପ୍ରଜାତିର ସାପକୁ ପୋଷା କରି ରଖିଲେ ବା ଲୋକଙ୍କୁ ଖେଳ ଦେଖାଇଲେ ବନ୍ୟପ୍ରାଣୀ ଆଇନରେ ୭ବର୍ଷ ଯାଏ ଜେଲଦଣ୍ଡର ପ୍ରାବଧାନ ରହିଥିବା ସେ କହିଛନ୍ତି।



ମତଦାନ କରିବା ନେଇ ଗୁରୁବାର ପୁରୀ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

### ଶ୍ରୀଲୋକନାଥଙ୍କ ହୁଣ୍ଡିରୁ ମିଳିଲା ୫,୭୯,୯୩୦ ଟଙ୍କା

**ମହାଶିବରାତ୍ରି ପରେ ପ୍ରଥମ ଥର ଖୋଲାଗଲା**

ପୁରୀ,୨୫।୪(ଅଜିତ୍ ମହାନ୍ତି)

ମହାଶିବରାତ୍ରି ପରେ ଗୁରୁବାର ପ୍ରଥମ ଥର ପାଇଁ ଶ୍ରୀଲୋକନାଥ ମନ୍ଦିରର ହୁଣ୍ଡି ଖୋଲାଯାଇଥିଲା। ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ପରାମର୍ଶ କ୍ରମେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ୫, ୭୯, ୯୩୦ ଟଙ୍କା ମିଳିଛି। ଏଥିମଧ୍ୟରେ ୫୧ ହଜାର ଟଙ୍କାର କଏନ ରହିଛି। ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ସୁରୁଖୁରୁରେ ହୁଣ୍ଡି ଅର୍ଥ ଗଣାଯାଇଥିଲା। ବିଗତ ବର୍ଷ ପରି ଏହି ଅର୍ଥ ବ୍ୟାଙ୍କରେ ଗଚ୍ଛିତ ରହିବ ବୋଲି ଉପଜିଲାପାଳ କଅଁର ସୂଚନା ଦେଇଛନ୍ତି।

# ଜାମିନ ପାଇଁ କୋର୍ଟରେ ନକଲି କାଗଜପତ୍ର ଦାଖଲ, ୩ ଗିରଫ

ଭୁବନେଶ୍ୱର,୨୫।୪(ସୂର୍ଯ୍ୟକାନ୍ତ ବେହେରା)

ଜାମିନ ପାଇଁ ଜାଲ୍ ଜମି କାଗଜପତ୍ର କୋର୍ଟରେ ଦାଖଲ ସହ ନକଲି ଜାମିନଦାର ସାଜିବା ମହଙ୍ଗା ପଡିଛି। ଅଭିଯୁକ୍ତଙ୍କ ଜାମିନ ଖାରଜ ହେବା ସହ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାଲ୍ କାଗଜପତ୍ର ଦାଖଲକାରୀ ଓ ନକଲି ଜାମିନଦାରଙ୍କ ସମେତ ତିନିଜଣଙ୍କୁ ବଡଗଡ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ାର ଅଶୋକ ପରିଡା(୪୪), ପୁରୀ ପିପିଲି ଅଞ୍ଚଳର ସେକ୍ ଆଜମ ଅଲ୍ଲୀ (୭୦) ଓ ଭୁବନେଶ୍ୱର ଟଙ୍କପାଣି ଅଞ୍ଚଳର ଗୁରୁ ଚରଣ ଓରଫ କୁନା ମହାନ୍ତି (୩୨)। ସେମାନଙ୍କଠାରୁ ଉକ୍ତ ଜାଲ୍ କାଗଜପତ୍ର ମଧ୍ୟ ଜବତ କରିଛି ପୋଲିସ।

ପୋଲିସ ସୂଚନାନୁସାରେ, ୨୦୨୨ରେ ନନ୍ଦନକାନନ ଥାନାରେ ରୁଜୁ ହୋଇଥିବା ଏକ ଠକେଇ ମାମଲାରେ ସମୀର ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଗିରଫ ହୋଇ ଜେଲରେ ଥିଲେ। ଜାମିନ ପାଇଁ ସେ ହାଇକୋର୍ଟରେ ଆବେଦନ କରିଥିଲେ।


ଅଶୋକ ପରିଡା


ସେକ୍ ଆଜମ ଅଲ୍ଲୀ


ଗୁରୁ ଚରଣ ମହାନ୍ତି

ଫଳରେ ସମୀରଙ୍କ ଜାମିନ ପ୍ରାର୍ଥନାକୁ କୋର୍ଟ ଅନୁମତି ଦେବା ସହ ଭୁବନେଶ୍ୱର ଜେଏମ୍‌ସି(ଓ) କୋର୍ଟରେ ୩ କୋଟି ଟଙ୍କାର ପ୍ରପର୍ଟି ସିଓରିଟି ବେଲ୍‌ବଣ୍ଡ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସମୀରଙ୍କ ଦ୍ୱାରା ଦାଖଲ ହୋଇଥିବା ଜମିର କାଗଜପତ୍ରଗୁଡିକ ଜାଲ୍ ବୋଲି ଜଣାପଡିବା ପରେ ଜାମିନ ଉପରେ ଶୁଣାଣି ହୋଇପାରି ନ ଥିଲା। ପରେ କୋର୍ଟ ପକ୍ଷରୁ ଆଉ ଏକ ୬୩ ଲକ୍ଷ ଟଙ୍କାର ପ୍ରପର୍ଟି ସିଓରିଟି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଅଭିଯୁକ୍ତମାନେ ସେକ୍ ମୋକ୍ରମ ଅଲ୍ଲୀ ନାମକ ଜଣେ ବ୍ୟକ୍ତିଙ୍କ ଜମିର ମୂଲ୍ୟକୁ କାରସାଦ କରି ଅଧିକ ଦର୍ଶାଇ କୋର୍ଟରେ ଦାଖଲ କରିଥିଲେ। ଏଥିରେ ମଧ୍ୟ ସନ୍ଦେହ ହେବାରୁ ଦାଖଲ ହୋଇଥିବା ଜମି କାଗଜପତ୍ରର ସତ୍ୟାସତ୍ୟ ଜାଣିବା ପାଇଁ ପିପିଲ ସବ୍-ରେଜିଷ୍ଟ୍ରାର ଅଫିସକୁ କୋର୍ଟ ଏକ ଚିଠି କରିଥିଲେ। ଏହି ଜମି ଉପରେ ବିଶ୍ୱଜିତ ନାମକ ଜଣେ ବ୍ୟକ୍ତି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆବେଦନ କରିଥିଲେ। କିନ୍ତୁ ଏହାକୁ ସବ୍-ରେଜିଷ୍ଟ୍ରାର ଅଫିସ ଇସ୍ୟୁ କରି ନ ଥିବା କୋର୍ଟଙ୍କୁ ଜଣାଇଥିଲେ। ଅପରପକ୍ଷେ ଅଭିଯୁକ୍ତ ଅଶୋକ ଭୁବନେଶ୍ୱର କୋର୍ଟରେ ହାଜର ହୋଇ ନିଜକୁ ମୋକ୍ରମ ଅଲ୍ଲୀ ବୋଲି ଦାବି କରିଥିଲେ। ଏହି ପରିଚୟକୁ ନେଇ ମଧ୍ୟ ସନ୍ଦେହ ହେବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପାର୍ଥ ସାରଥି ପିପିଲି ଯାଇ ମୋକ୍ରମଙ୍କ ଘରେ ପହଞ୍ଚି ଖୋଳତାଡ କରିବା ପରେ ତାଙ୍କର ୧୯୯୯ ମସିହାରୁ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ପୋଲିସ ନିଜକୁ ମୋକ୍ରମ ପରିଚୟ ଦେଇଥିବା ଅଶୋକଙ୍କୁ ଧରି ପଚରାଉଚାର କରିବା ପରେ ସେ କୁନା ମହାନ୍ତିଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଜଣାପଡିଥିଲା। କୁନା ବିଭିନ୍ନ ମାମଲାରେ ଅଭିଯୁକ୍ତଙ୍କ ପାଇଁ ଜାମିନଦାର ଓ ଦଲିଲ ପ୍ରଦାନ କରନ୍ତି। ଅଭିଯୁକ୍ତ ସମୀରଙ୍କ ଜାମିନ ପାଇଁ ସେ ତାଙ୍କ ପୁଅଙ୍କ ସହ ଯୋଗାଯୋଗ କରିଥିଲେ। ପୁଅଠାରୁ ଘଟଣା ବୁଝିବା ପରେ କୁନା ସମୀରଙ୍କ ଜାମିନ ଲାଗି ଜାମିନଦାର ଓ ଆବଶ୍ୟକ କାଗଜପତ୍ର ସହାୟତା ଲାଗି ଅଧିକ ଟଙ୍କା ଦାବି କରିଥିଲେ। ଏହାପରେ କୁନା ସହଯୋଗୀଙ୍କ ଜରିଆରେ ମିଶି ମୃତ ମୋକ୍ରମ ଅଲ୍ଲୀଙ୍କ ପୁଅ ସେକ୍ ଆଜାମ ଅଲ୍ଲିଙ୍କୁ ଟଙ୍କା ଦେଇ ତାଙ୍କର ନାଁରେ ଥିବା ଜମିର କାଗଜପତ୍ର ଦସ୍ତାବିଜକୁ ହାତେଇ କାରସାଦ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆନନ୍ଦ


@ ସଙ୍ଗମ୍


@ ଚମ୍ପାଲାଲ୍


@ କୁଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀରେ ପହଞ୍ଚିଲା ଦ୍ୱିତୀୟ ପର୍ଯ୍ୟାୟ ରଥକାଠ

ପୁରୀ,୨୫।୪(ଅଜିତ୍ ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ଜନ୍ମବେଦିକୁ ଯାତ୍ରା କରିବେ। ସେହିପରି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ତେଣୁ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ରଥ ସଂହିତା ଅନୁଯାୟୀ ହେରାପଞ୍ଚମୀ ଦିନ ରଥକାଠ ପୂଜା ହୋଇଥିବାବେଳେ ପବିତ୍ର ଅକ୍ଷୟତୃତୀୟା ତିଥିରେ ରଥ ନିର୍ମାଣ ଅନୁକୂଳ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ଆସି ପୁରୀ ବଡ଼ଦାଣ୍ଡରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡରୁ ଗୋଟିଏ ଟ୍ରକ ଯୋଗେ ୨୫ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ଏନେଇ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି ଯେ, ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ପ୍ରତ୍ୟେକ ବର୍ଷ ୮୬୫ ଖଣ୍ଡ କାଠ



ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷ ୫୩ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ୮୧୨ ଖଣ୍ଡ କାଠ ଅବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ୧୦୨ ଖଣ୍ଡ କାଠ ଆସି ପୁରୀରେ ପହଞ୍ଚିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଫୁଟିଆ ୨୫ ଖଣ୍ଡ ଧଉରା ଓ ଅସନ କାଠ ଆସି ପହଞ୍ଚିଛି। ଏହି ୨୫ ଖଣ୍ଡ କାଠ ମଧ୍ୟରୁ ୨୩ ଖଣ୍ଡ ୪୦ ଫୁଟିଆ ଅସନ କାଠ ରହିଥିବା ବେଳେ ୩ ଖଣ୍ଡ ୪୦ ଫୁଟିଆ ଧଉରା କାଠ ରହିଛି। ବର୍ତ୍ତମାନ ସୁଦ୍ଧା ୧୨୭ ଖଣ୍ଡ ରଥକାଠ ପୁରୀକୁ ଆସିଥିବା ବେଳେ ୩୩ ଖଣ୍ଡ କାଠ କଟକସ୍ଥିତ ଶ' ମିଲ୍‌ରେ ପହଞ୍ଚିସାରିଛି ବୋଲି ମେକାପ ସୂଚନା ଦେଇଛନ୍ତି।

# ଗ୍ରୀଷ୍ମଛୁଟି ସତ୍ତ୍ୱେ ଚାଲିଲା ସ୍କୁଲ

ମଙ୍ଗୁଳି-ଜଗତପୁର,୨୫।୪(ମାନସ ସାମଲ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୨୫ରୁ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଗ୍ରୀଷ୍ମଛୁଟି ଘୋଷଣା କରିଛନ୍ତି। ତେବେ ଗୁରୁବାର ସମସ୍ତ ବିଦ୍ୟାଳୟ ବନ୍ଦ ରହିଥିବାବେଳେ ଟାଙ୍ଗୀ- ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତ ଅଧୀନରେ ଥିବା ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ସ୍ୱାଭାବିକ ଭାବେ ଚାଲୁ ରହିଥିବା ଦେଖିବାକୁ ମିଳିଛି। ସ୍କୁଲର ଏହି ନିଷ୍ପତ୍ତିକୁ ଅଭିଭାବକ ନାପସନ୍ଦ କରିଥିବାବେଳେ ସ୍କୁଲ ପକ୍ଷରୁ ପିଲାଙ୍କୁ ସମସ୍ତ ଛୁଟି ଦିନରେ ପାଠ ପଢ଼ିବାକୁ ଛାଡିବାକୁ ଏକ ମେସେଜ ଜାରି ହୋଇଛି।

ସୂଚନା ମୁତାବକ, ଗୁରୁବାର ସକାଳୁ ବିଦ୍ୟାଳୟ ବସ୍‌ରେ ଚୌଦ୍ୱାରର ସମସ୍ତ ଅଞ୍ଚଳରୁ ଛାତ୍ରୀଛାତ୍ରଙ୍କୁ ସାଧାରଣ ପୋଷାକରେ ସ୍କୁଲକୁ ଅଣାଯାଇ



ସ୍କୁଲରୁ ଛାତ୍ରୀଛାତ୍ର ଛୁଟି ହୋଇ ବସ୍‌କୁ ଯାଉଛନ୍ତି।

ପାଠପଢ଼ା ଚାଲିଥିଲା। ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ସ୍କୁଲ ଛୁଟି ଦିନରେ କାହିଁକି ଖୋଲା ରହିଛି ବୋଲି ସ୍କୁଲ ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରାଙ୍କୁ ପ୍ରଶ୍ନ କରିଥିଲେ। ଆହୁରି ମଧ୍ୟ କହିଥିଲେ ଏହି ସ୍କୁଲ୍‌ଟି ରାଜ୍ୟ ସରକାରଙ୍କ ନୁହେଁ, କେନ୍ଦ୍ର ସରକାରଙ୍କ ସ୍ୱୀକୃତିପ୍ରାପ୍ତ, ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆମକୁ ବନ୍ଦ କରିବାକୁ କୌଣସି ସୂଚନା ମିଳିନାହିଁ। ଯେବେ କେନ୍ଦ୍ର ସରକାର କିଛି ନିୟମ

**ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା**

କରିବେ ଆମେ ତାକୁ ମାନିବୁ ବୋଲି ବେହେରା କହିଥିଲେ। ଅପରପକ୍ଷେ ଗତ ୨ ଦିନ ତଳେ କଟକରେ ଜନୈକ ଛାତ୍ରୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଘଟଣାର ଭୟ ଅଭିଭାବକଙ୍କ ମନରୁ ଲିଭିନି। ଅଭିଭାବକ ସାମ୍ନାକୁ ନ ଆସି ସ୍କୁଲ୍‌ର ଏଭଳି ମନମାନିକୁ ବିରୋଧ କରି ହ୍ୱାଟ୍ସଆପ୍ ମାଧ୍ୟମରେ ମୋବାଇଲରୁ ମୋବାଇଲ୍ ଭାଇରାଲ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କ ସ୍ୱେଚ୍ଛାଚାରିତାକୁ ଲୋକଲୋଚନକୁ ଆଣିବାକୁ ଗଣମାଧ୍ୟମର ସହାୟତା ଲୋଡିଛନ୍ତି। ଏନେଇ ଜିଲା କିମ୍ବା ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

